



## ଟି ଟାଇମ୍

# ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

# ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଉଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

# 'ବବି ଜାସୁସ୍'ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ 'ବବି ଜାସୁସ୍'। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

## ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଋହଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଋମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଋଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



'ଜଙ୍ଗଲ୍ସ ଇନ୍ ପ୍ୟାରିସ'୍ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଋଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ଡଅଁର ସୋସାଇଟି ସମ୍ପାଦକଙ୍କ ମନମାନି



କେନ୍ଦୁଝର, (ପି.ଏନ) : କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଡଅଁର ସୋସାଇଟି ଧାନ ମଣ୍ଡିରେ ସମ୍ପାଦକ ଅନୁପସ୍ଥିତକୁ ନେଇ ଚାଷୀଙ୍କ ଅସନ୍ତୋଷ ଦେଖିବାକୁ ମିଳିଛି। ସୋସାଇଟିର ସମ୍ପାଦକ ମନ ଇଚ୍ଛାରେ ଚାଷୀଙ୍କ ଠାରୁ ଧାନ କିଣି ମଣ୍ଡିରେ ଷ୍ଟକ କରି ରଖିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୋସାଇଟିର ସମ୍ପାଦକ ସୋସାଇଟିରେ ନରହି କିଛି ଅସାଧୁ ବ୍ୟକ୍ତିଙ୍କ ସହ ଧାନ ସଂଗ୍ରହ କରି ବିଭିନ୍ନ ଗ୍ରାମରେ ରଖିଥିବା ଦେଖିବାକୁ ମିଳିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀ ମାନେ କିଭଳି ସୁବିଧା ପାଇ ପାରିବେ ଜିଲ୍ଲା ପ୍ରଶାସନ ସ୍ଥାନୀୟ ପ୍ରଶାସନ ସଜାଗ ଥିବା ବେଳେ ଡଅଁର ସୋସାଇଟିର ସମ୍ପାଦକ କିଛି ଅସାଧୁ ବେପାରୀଙ୍କ ସହ ହାତ ମିଳାଇ ଥିବା ବେଳେ ଏନେଇ ଗଣମାଧ୍ୟମ ପ୍ରତିନିଧି ସମ୍ପାଦକଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ଫୋନରେ ବ୍ୟସ୍ତ ଅଛି ବୋଲି ପ୍ରତିକ୍ରିୟା ଦେଇ ଖସି ଯିବାକୁ ଚେଷ୍ଟା କରିଛନ୍ତି କ୍ଷୁବ୍ଧ ଚାଷୀ ମାନେ ମଣ୍ଡିରେ ଧାନ ଦେବା ସମୟରେ ଚାଷୀ ମାନଙ୍କୁ ବ୍ୟବହାର ଠିକ କରୁ ନଥିବା ବେଳେ ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ପ୍ରଶାସନ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହୋଇଛି।

# ରାୟଗଡ଼ା ଜିଲ୍ଲା ଅଲ୍ ଓଡିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କରର୍ସ ଆସୋସିଏସନ୍‌ର ବୈଠକ



ରାୟଗଡ଼ା, (ପି.ଏନ) : ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କରର୍ସ ଆସୋସିଏସନ୍‌ର ଜିଲ୍ଲା ପ୍ରତିନିଧିମାନଙ୍କ ଏକ ବୈଠକ ରାମନାଗୁଡା ବ୍ଲକ ଅନ୍ତର୍ଗତ ଗୁମୁଡା ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାନେତ୍ରୀ ଶ୍ରୀମତୀ ଜୟନ୍ତୀ ପଦ୍ମାଳୟା ସାହୁ ଏବଂ ସମ୍ପାଦିକା ଶ୍ରୀମତୀ ଉଷା ରାଣୀ ଦାଶଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ମୂଖ୍ୟ ଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘ ର ରାଜ୍ୟ ଉପସଭାପତି ଶ୍ରୀ ଯୋଗେଶ୍ୱର ଦାସ , ସମ୍ମାନିୟ ଅତିଥି ଭାବେ ରାୟଗଡ଼ା ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ ସାହୁ ଯୋଗ ଦେଇ ସରକାରଙ୍କ ଯୋଜନାକୁ ସଫଳ କରିବାରେ ମୂଖ୍ୟ ଭୂମିକା ନେଉଥିବା ସହ ଶିଶୁ ମୃତ୍ୟୁ ହାର ମା ମୃତ୍ୟୁ ହାର କରାଇବାରେ ଏବଂ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଯୋଜନା କୁ ସଫଳ କରିବା ରେ ମୂଖ୍ୟ ଭୂମିକା ନେଉଥିବା ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକା ମାନଙ୍କ ଦୀର୍ଘ ଦିନର ବିଭିନ୍ନ ଦାବିକୁ ନେଇ ଆଲୋଚନା କରାଯାଇ ନୂତନ ସରକାରଙ୍କ ଠାରେ ଦାବି କରିବା ପାଇଁ ନିଷ୍ପତ୍ତି ନେଇଥିଲେ ଏବଂ ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକା ମାନଙ୍କୁ ପାଇଁ ଥିବା ସମସ୍ତ ସୁବିଧା ଯୋଗାଇବା ଉପରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବା ପାଇଁ ମଧ ଆଲୋଚନା କରାଯାଇଥିଲା। ଅଙ୍ଗନୱାଡ଼ି କର୍ମୀ ମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଅବହେଳା ଏବଂ ଅଣଦେଖା କୁ ବିରୋଧ କରିବା ସହ ଆସନ୍ତା ଦିନରେ ସରକାର ଏବଂ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ସମାଧାନ ନକରନ୍ତି ତାହା ହେଲେ ଆସନ୍ତା ଦିନରେ ଭାରତୀୟ ମଜଦୁର ସଂଘ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବେ ବୋଲି ଶ୍ରମିକ ନେତା ଶ୍ରୀ ଯୋଗେଶ୍ୱର ଦାସ ଚେତାବନୀ ଦେଇଛନ୍ତି । ଉକ୍ତ ବୈଠକରେ ଜିଲ୍ଲାର ୧୧ ଟି ବ୍ଲକର ନେତୃବୃନ୍ଦ ମାନେ ଯୋଗ ଦେଇଥିଲେ। ଉକ୍ତ ବୈଠକକୁ ସଞ୍ଜୁକ୍ତା ହରପାଲ , ସଞ୍ଜୁକ୍ତା ରଥ , ରୀତା ପଣ୍ଡା , ମଞ୍ଜୁଳା ମଣ୍ଡଳ , ମହିନି ପାଲାକା , ସ୍ନେହାଞ୍ଜଳୀ ମିଶ୍ର, ଗୀତା ଖାଡାଙ୍ଗା, ସୁନିତା ମିଶ୍ର, ପରିଚାଳନା କରିଥିଲେ।

# ଖାଉଟି ଅଦାଳତରେ ବିଶାଳ ମେଗାମାର୍ଟ ଦଣ୍ଡିତ

କଳାହାଣ୍ଡି/ଭବାନୀପାଟଣା, : ଭବାନୀପାଟଣା ସହର ବାହାଦୂର ବଗିଚାପଡା ସ୍ଥିତ ବିଶାଳ ମେଗାମାର୍ଟ ଖାଉଟି ଅଦାଳତ ଦ୍ୱାରା ଦଣ୍ଡିତ ହୋଇଛି । ଜିଲ୍ଲା ଖାଉଟି ବିବାଦ ପ୍ରତିକାର ଆୟୋଗ ଏକ ଖାଉଟି ମାମଲାର ଶୁଣାଣୀ କରି ବିଶାଳ ମେଗାମାର୍ଟକୁ ୧ଲକ୍ଷ ୩୫ ହଜାର ଟଙ୍କା ଜରିମାନା କରିଛନ୍ତି। ଏହି ଅର୍ଥଦଣ୍ଡ ରାଶିରୁ ୩୫ ହଜାର ଅଭିଯୋଗ କାରୀ ଓ ଅବଶିଷ୍ଟ ୧ଲକ୍ଷ ଟଙ୍କାକୁ ଓଡିଶା ରାଜ୍ୟ ଖାଉଟି ସୁରକ୍ଷା ପାଣ୍ଠିକୁ ପ୍ରଦାନ କରିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି । ଯାହାକୁ ନେଇଁ ଜିଲାରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରାପ୍ତି ସୁଚନାରୁ ପ୍ରକାଶ ଯେ,ଗତ ୮/୫/୨୦୨୪ ରେ କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅନ୍ତର୍ଗତ ବାରଖମା ଗ୍ରାମର ବିରୁପାକ୍ଷ ପାତ୍ର (ଯିଏକି ପେଶାରେ ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟ )ନିଜ ଭାଇ ଲକ୍ଷ୍ମୀକାନ୍ତ ପାତ୍ରଙ୍କ ସହ ଭବାନୀପାଟଣା ବାହାଦୂରବଗିଚାପଡା ସ୍ଥିତ ବିଶାଳ ମେଗା ମାର୍ଟକୁ କିଣାକିଣି କରିବାକୁ ଯାଇଥିଲେ । ସେଠାରେ ସେ ଏକ ଲେଡିଜ୍ ? କୁର୍ତ୍ତା ପସନ୍ଦ କରିଥିଲେ।ଯାହାର ବିକ୍ରିମୂଲ୍ୟ ଉପରେ ୧୫% ରିହାତି ଅଫର ଉଲ୍ଲେଖ ରହିଥିଲା । ତେବେ ଏହାର ବିଲିଂ କରିବା ସମୟରେ ଉପରୋକ୍ତ ଲେଡିସ୍ କୁର୍ତ୍ତାର ୧୫% ରିହାତି ହିସାବ ନ ଥିବାରୁ ଅଭିଯୋଗକାରୀ ପାତ୍ର କାଉଣ୍ଟର ଇନ୍ ?ଚାର୍ଯଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ସେ ରିହାତି ଦେବାର ଅଗ୍ରାହ୍ୟ କରିବା ସହ ମ୍ୟାନେଜରଙ୍କ ସହ କଥା ହେବାକୁ ପରାମର୍ଶ ଦେଇଥିଲେ। ଫଳରେ ଅଭିଯୋଗକାରୀ ପାତ୍ର ମ୍ୟାନେଜରଙ୍କୁ ସାକ୍ଷାତ କରିଥିଲେ। ହେଲେ ମ୍ୟାନେଜର ରିହାତି ଅଫର ଦେବାକୁ ମନା କରିଦେଇଥିବାବେଳେ କୁର୍ତ୍ତାରେ ଲାଗିଥିବା ଡିସପ୍ଲେ ବୋର୍ଡଟି ଭୁଲରେ ଲାଗିଥିବା କହିଥିଲେ।ସେହିପରି ଟଙ୍କା ମଧ ଫେରସ୍ତ କରିବାକୁ ମନା କରିଦେଇଥିଲେ।ଯାହାଫଳରେ ଅଭିଯୋଗ କାରୀ ପାତ୍ର ନିରାଶ ହୋଇ ଖାଉଟି ଅଦାଳତର ଦ୍ୱାରସ୍ଥ ହୋଇଥିଲେ।




# ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ସମ୍ମାନିତ ହେଲେ ସମାଜସେବୀ ଅମର ତାଣ୍ଡିଆ




ସମ୍ବଲପୁର, : ସମ୍ବଲପୁର ବିଶ୍ୱବିଦ୍ୟାଳୟର ୫୮ ତମ ପ୍ରତିଷ୍ଠା ଦିବସରେ ସମ୍ବଲପୁର ସହର ର ଅଗ୍ରଣୀ ସ୍ୱେଚ୍ଛାସେ୍ୱୀ ଅନୁଷ୍ଠାନ "ସେବା" ର ଅଧକ୍ଷ ଅମର ତାଣ୍ଡିଆ ଙ୍କୁ ସମ୍ମାନିତ କରାଯାଇଛି ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ତାଣ୍ଡିଆ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଓ ଜନମଙ୍ଗଳ କାର୍ଯ୍ୟରେ ଅମର ତାଣ୍ଡିଆଙ୍କ ସମର୍ପିତ ଜୀବନ, ବିଭିନ୍ନ ସମୟରେ ରକ୍ତଦାନ ଶିବିରର ଆୟୋଜନରେ ନିଜକୁ ସାମିଲ କରିବା ସହିତ ମାନସିକ ଅନଗ୍ରସର ଶିଶୁ ମାନଙ୍କ ଯତ୍ନ ନେବା ଓ ବୃଦ୍ଧାଶ୍ରମର କଲ୍ୟାଣ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା, କୋଭିଡ୍ କାଳରେ ନିଜ ଜୀବନକୁ ଭ୍ରୂକ୍ଷେପ ନକରି ରୋଗୀଙ୍କ ସେବାରେ ତତ୍ପର ହେବା ଯୋଗୁଁ ବିଶ୍ୱ ବିଦ୍ୟାଳୟ ସମ୍ବର୍ଦ୍ଧିତ କରିଛି ଓ ଠିକ ସେହିପରି ଶିକ୍ଷା, ସାହିତ୍ୟ ଓ ସଂସ୍କୃତି ପାଇଁ ବୌଦ୍ଧ ସହରର ଶିକ୍ଷାବିତ ଇଂ.ଡ. ସଞ୍ଜୟ ପଣ୍ଡା, କଳା ପାଇଁ ବୁର୍ଲା ସହର ଗୋଲଗୁଣ୍ଡାର ଚିତ୍ରଶିଳ୍ପୀ ବୃନ୍ଦାବନ ମହାରଣା ଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା ଓ ସମ୍ବଲପୁର ବିଶ୍ୱ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଅଡିଟୋରିୟମ୍ ହଲ ରେ ଅନୁଷ୍ଠିତ ଏହି କାଯ୍ୟକ୍ରମରେ ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୁଯ୍ୟବଂଶୀ ସୁରଜ, ଆଇଆଇଏମ୍ ସମ୍ବଲପୁର ର ନିର୍ଦ୍ଦେଶକ ମହାଦେବ ଯଶ୍ୱାଳ, ବିଶ୍ୱ ବିଦ୍ୟାଳୟ କୁଳପତି ବିଧୁ ଭୂଷଣ ମିଶ୍ର, ରେଜିଷ୍ଟ୍ରାର ଡ. ନୃପରାଜ ସାହୁ ମଞ୍ଚାସିନ ଥିଲେ।

# ରଟିଙ୍ଗିଆରେ ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ପଞ୍ଚାୟତ ସ୍ତରୀୟ ମହିଳା ମହାସଂଘ



ଘୁ ଉଦୟଗିରି, (ପି.ଏନ) : କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ବ୍ଲକ, ରଟିଙ୍ଗିଆ ଗ୍ରାମ ପଞ୍ଚାୟତରେ ମଦର ପ୍ରାଦୁର୍ଭାବ ବଢୁଥିବାରୁ ଆଜି ଗ୍ରାମ ପଞ୍ଚାୟତ ମହିଳା ମହାସଂଘର ଶତାଧିକ ମହିଳା ମଦ କାରବାର କରୁଥିବା ପରିବାରକୁ ଯାଇ ମଦ ବନ୍ଦ ପାଇଁ ବୁଝେଇବା ସହିତ ମହୁଲ ପୋଚ ନଷ୍ଟ କରିବା, ହାଣ୍ଡି ଭାଙ୍ଗିବା ଭଳି କାର୍ଯ୍ୟକୁ ହାତକୁ ନେଇଛନ୍ତି। ଅଞ୍ଚଳରେ ମଦ କାରବାର ହେଉଥିବାରୁ ଅନେକ ପରିବାର ବିଶୃଙ୍ଖଳା ହେବ ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଆର୍ଥିକ କ୍ଷେତ୍ରରେ ଅବନତି ଘଟୁଥିବାରୁ ଏହି ପରି ପଦକ୍ଷେପ ନେଇଥିବା ସମାଜସେବୀ ହୃଷିକେଶ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ଗତ ମାସ ୨୦ ତାରିଖରେ ମଦ ବନ୍ଦ ପାଇଁ ବଡ଼ ଧରଣର ସଚେତନତା ପଦ ଯାତ୍ରା କରି ଅଞ୍ଚଳର ବିଭିନ୍ନ ଗାଁରେ ସଚେତନ କରାଯାଇଥିଲା। ଏଥିରେ ମଦ ରନ୍ଧୁଥିବା ପରିବାରକୁ ସମୟସୀମା ମଧ୍ୟରେ ମଦ ରନ୍ଧା ବନ୍ଦ କରିବାକୁ କୁହାଯାଇଥିଲା। ଏହି ଘଟଣାକୁ ନେଇ ପୁଣି ଆଜି ଅଞ୍ଚଳର ଶତାଧିକ ମହିଳାମାନେ ଏକଜୁଟ ହୋଇ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଆଜିର ଏହି ମଦ ବନ୍ଦ କାର୍ଯ୍ୟକ୍ରମରେ ଓଡ଼ିଶା ଜୀବିକା ମିଶନର ଏମ.ବି.କେ. ଡି. ସବନମ, ମହାସଂଘର ସଭାନେତ୍ରୀ ଦମ୍ପିକା ନାୟକ, ସମ୍ପାଦିକା ରାଜଶ୍ରୀ ମଲ୍ଲିକ, ସରପଞ୍ଚ ବିଷ୍ଣୁଦେବ ପ୍ରଧାନ, ସମାଜସେବୀ ହୃଷିକେଶ ପ୍ରଧାନ, ଜି.ଏସ.ଏମ ତରୁଲତା ଦିଗାଲ, ସି.ଆର୍.ପି., ଇ.ସି. ସଦସ୍ୟାମାନଙ୍କ ସମେତ ଗାଁର ମହିଳା ପ୍ରତିନିଧିମାନେ ଯୋଗ ଦେଇଥିଲେ।

# କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବଲାଙ୍ଗିର, : ବଲାଙ୍ଗିର ଜିଲ୍ଲା ପାଟଣାଗଡ ବ୍ଲକ ଅନ୍ତର୍ଗତ ସୋଲବନ୍ଦ ଗ୍ରାମରେ ଅବସ୍ଥାପିତ କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ! ମୁଖ୍ୟ ଅତିଥି ଭାବରେ ପାଟଣାଗଡ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁମନ ମିଞ୍ଜ ଏବଂ ମୁଖ୍ୟବକ୍ତା ଭାବରେ ଲୋକକବି,ପଦ୍ମଶ୍ରୀ ହଳଧର ନାଗ ଯୋଗ ଦେଇଥିଲେ ! ସମ୍ମାନିତ ଅତିଥି ଭାବରେ ତହସିଲଦାର ରୁଦ୍ରମୋହନ ନାୟକ,ବିଇଓ ଶଙ୍କର ପ୍ରସାଦ ମାଝି, ସୋଲବନ୍ଦ ସରପଞ୍ଚ ରିତା ପାଣ୍ଡେ , ସିଆରସିସି ମରୁଆଁ ଶଶି ଚନ୍ଦ୍ର ମେହେର ମଞ୍ଚାସିନ ଥିଲେ ! ଆଜିର ଶିଶୁ କାଲିର ଭବିଷ୍ୟତ, ଅନ୍ଧବିଶ୍ୱାସକୁ ଶିକ୍ଷା ହି ଦୂରୀଭୂତ କରିପାରେ,ଶିକ୍ଷା ହି ମାନବ ସମାଜ ପାଇଁ ଏକ ଯୁଗାନ୍ତକାରି ଲକ୍ଷ ! ଶିକ୍ଷା ମାଧ୍ୟମରେ ଏକ ଆଦର୍ଶ ସମାଜ ଗଢିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ବୋଲି ଅତିଥିବୃନ୍ଦ କହିଥିଲେ ! ଅତିଥିମାନେ କୁନି କୁନି ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇ କହିଥିଲେ ଏକ ଆଦର୍ଶ ମୂଲ୍ୟବୋଧ ସମାଜ ଗଢିବା ପାଇଁ ଶିକ୍ଷା ହି ଜରୁରୀ ! କୃତି ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ ! ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ,ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା ସହଯୋଗ କରିଥିଲେ ଏବଂ ପରିଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରୁସିଂ ନାଏକ ଧନ୍ୟବାଦ ଅର୍ପଣ ଜଣାଇଥିଲେ।

# ଭୁସଲାଡ଼ ଗାଁରେ ସ୍ୱୟଂ ସହାୟକ ଗୋଷ୍ଠୀର ବୈଠକ

## ଏସଏଚଜି ମହିଳାଙ୍କୁ ମାସିକ ୨ ହଜାର ଟଙ୍କା ଦାବି କଲେ ରାଜ୍ୟ ଯୁବ ବିଜେଡି ସମ୍ପାଦକ



ବଲାଙ୍ଗିର,(ପି.ଏନ) : ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ତଥା ସିନ୍ଧେକେଲା ଜୋନ ଅନ୍ତର୍ଗତ ଭୁସଲାଡ଼ ଗାଁରେ ଆଜି ୩ ଗୋଟି ପଂଚାୟତ ର ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ ବିଜେଡି ସମ୍ପାଦକ ଅଜିତ କୁମାର ଯୋଶୀ ଯୋଗ ଦେଇ ଏସଏଚଜି ମହିଳା ମାନଙ୍କୁ ମାସିକ ୨ ହଜାର ଟଙ୍କା ମୋହନ ସରକାର ଦେବା ପାଇଁ ଏହି ବୈଠକ ରେ ଦାବି କରିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ମାନଙ୍କ ପାଇଁ ବିଭିନ୍ନ ଯୋଜନା କରୁଥିବା ବେଳେ ଡବଲ ଇଞ୍ଜିନ ସରକାର ଏବେ ନିଦାବିଷ୍ଣୁ ପାଲଟିଥିବା ଅଭିଯୋଗ କରିଥିଲେ । ଆଗାମୀ ଦିନରେ ବିଭିନ୍ନ ମୁଖ୍ୟମନ୍ତ୍ରୀ ଉଦ୍ଧେଶ୍ୟରେ ବଙ୍ଗୋମୁଣ୍ଡା ବିଡ଼ିଓ ଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଦେଖା ଦେଉଥିବା ମହିଳା ମାନଙ୍କ ବିଭିନ୍ନ ସମସ୍ୟା କୁ ଶ୍ରୀଘ୍ର ପଦକ୍ଷେପ ନେବାକୁ ଦାବି କରିଛନ୍ତି । ଏହି ବୈଠକ ବଙ୍ଗୋମୁଣ୍ଡା ବ୍ଲକ ର ଭୁସଲାଡ଼,ଝଲପ ଓ ଦେଢ଼ଗାଁ ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ମାନେ ସାମିଲ ହୋଇ ବିଭିନ୍ନ ପ୍ରକାର ମତ ରଖିଥିଲେ । ଏହି ବୈଠକ ରେ ଉପାସୀ ବେହେରା, ଦମୟନ୍ତି ମହତ, ସୁନିତା ବାଗ, ସବିତା ପୁଟେଲ, ବିନତି ସାହୁ, କାଞ୍ଚନ ବେହେରା, ପୁଷ୍ପା ବେହେରା ଙ୍କ ସମେତ ଶତାଧିକ ମହିଳା ମାନେ ସାମିଲ ହୋଇଥିଲେ ।ଆଗାମୀ ଦିନରେ ଏ ଦିଗରେ ସରକାର ପଦକ୍ଷେପ ନ ନେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

# ଅଷ୍ଟମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ



ଫିରିଙ୍ଗିଆ, : କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଉପର ପାଙ୍ଗା ପଞ୍ଚାୟତ ମେଡିକାଲ ପଡ଼ିଆ ଠାରେ ଅଷ୍ଟମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍ ଯାପିତ ହୋଇଯାଇଛି । ଏହି ଉଦଯାପିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତିନିଧି ପ୍ରଶାନ୍ତ କୁମାର କମ୍ପ ଉପସ୍ଥିତ ଥିବା ବେଳେ ସମ୍ମାନିତ ଅତିଥି ସମିତି ସଭ୍ୟ ଦିଲିପ ଦିଗାଲ,ଗିନ୍ଧା କହଁର,ବିନୟ କହଁର,ଶିଡ ଦିଗାଲ, ସୁବାସ କହଁର, ପାଢ଼ୀ କହଁର, ପିତାମ୍ବର କହଁର ଯୋଗଦେଇ ଥିଲେ । ଜୟ ବଜରଙ୍ଗୀ ଫୁଟବଲ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଖେଳରେ ୧୬ ଟିମ୍ ଭାଗ ନେଇ ଥିଲେ । ଅଷ୍ଟମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ୬ ଦିନ ଆୟୋଜନ କରିଥିବା ବେଳେ ୧୬ ଟିମ୍ ପ୍ରତିଯୋଗିତା ରେ ଭାଗ ନେଇ ଥିବା ବେଳେ ଫାଇନାଲ ଖେଳରେ ସିକେରି ଟିମ୍ ସହିତ ମାଲା ଟିମ୍ ମଧ ଖେଳ ଅନୁଷ୍ଠିତ ହୋଇଥିଲା । ଶେଷ ରେ ମାଲା ଟିମ୍ କୁ ପରାସ୍ତ କରି ଉତ୍ତମ ଖେଳ ପ୍ରଦର୍ଶନ କରି ସିକେରି ଟିମ୍ ୧/୦ ଗୋଲ୍ ରେ ଚାମ୍ପିଅନ ହୋଇଥିଲେ । ଶେଷରେ ବିଜେତା ଓ ଉପବିଜେତା ଦଳକୁ ଅତିଥି ମାନଙ୍କ ଦ୍ୱାରା ଆର୍ଥିକ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ ।

# ରାଜ୍ୟ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷରେ ପ୍ରଥମ ସ୍ଥାନ ଅଧିକାର କଲେ ମାଲକାନଗିରି ଛାତ୍ର



ବାଲିମେଲା,(ପି.ଏନ) : ମାଲକାନଗିରି ଜିଲ୍ଲା ବାଲିମେଲା ପୋଟେରୁ ଇରିଗେସନ ବିଭାଗ ପକ୍ଷରୁ ହୋଇଥିବା ପାଣି ପଞ୍ଚାୟତ ପକ୍ଷ ପାଳନରେ ସୀମାନ୍ତ ପଡିଆ ଅଞ୍ଚଳ ର ଛାତ୍ର ପି ରୋହିତ ରାଜ୍ୟ ସ୍ତରରେ କୁଇଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଥିଲେ। ଆଜି ଏହି ରାଜ୍ୟ ସ୍ତରୀୟ ପାଣି ପଞ୍ଚାୟତ କାର୍ଯ୍ୟକ୍ରମ ଟି ଦିନ ୧୨ ଟା ସମୟରେ ଭୁବନେଶ୍ୱର ସ୍ଥିତ ବରମୁଣ୍ଡା ଖେଳ ପଡିଆ ରେ ଆୟୋଜନ ହୋଇଥିବା ବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପ ମୁଖ୍ୟମନ୍ତ୍ରୀ କେଭି ସିଂଦେଓ ଙ୍କ ଠାରୁ ଅର୍ଥରାଶି ସହ ମାନପତ୍ର ଗ୍ରହଣ କରିଛନ୍ତି। ପି ରୋହିତ ଙ୍କୁ ୧୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିବା ପୋଟେରୁ ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ପୀତବାସ ସେଠୀ ସୁଚନା ଦେଇଛନ୍ତି। କୃତି ଛାତ୍ରଟିର ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ଆଶୀର୍ବାଦ ପ୍ରଦାନ କରିଥିବା ହେତୁ କୃତି ଛାତ୍ର ପି ରୋହିତ ନିଜକୁ ଗୌରବାନ୍ୱିତ ମନେ କରୁଥିବା ଜଣାପଡିଛି।

# ପୁରୁଣା କଟକରେ ବ୍ରାହ୍ମଣ ସମାଜ ବୈଠକ



ବୌଦ୍ଧ,(ପି.ଏନ): ବୌଦ୍ଧ ଜିଲ୍ଲା ହରଭଙ୍ଗା ତହସିଲ ବ୍ରାହ୍ମଣ ସମାଜ ର ବାର୍ଷିକ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ପୁରୁଣାକଟକ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସମାଜ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ନୂତନ କର୍ମ କର୍ତ୍ତା ଚୟନ ହୋଇଥିଲା । ଏଥିରେ ସର୍ବସମ୍ମତି କ୍ରମେ ନୂତନ ସଭାପତି ଭାବେ ସୁକାନ୍ତ ଦାସ, ସମ୍ପାଦକ ଦିଲୀପ ଯୋଶୀ,କୋଷାଧକ୍ଷ ଉମେଶ

# ବ୍ଲକ ମାନ୍ୟତା ଦାବିରେ ଚାନ୍ଦୋତରା ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ବଙ୍ଗୋମୁଣ୍ଡା,(ପି.ଏ‍ଃ : ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ମୁଖ୍ୟାଳୟ ଠାରୁ ଅଠର କିଲୋମିଟର ରାଜ୍ୟରାଜ ପଥ କ୍ଷୋହଲ, ବୟାଲିଶ କଡରେ ଥିବା 'ଚାନ୍ଦୋତରା 'କୁ ୧୯୯୩ମସିହାରୁ ବ୍ଲକ ଦାବୀ ହୋଇ ଆସୁଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ସରକାର ଦୃଷ୍ଟି ଦେଇନଥିବାରୁ ରବିବାର ଦିନ ଚାନ୍ଦୋତରା ନୂତନ ପଞ୍ଚାୟତ ଗୃହକାର୍ଯ୍ୟ ଳୟ ଠାରେ ଚାନ୍ଦୋତରା ସରପଞ୍ଚ ଜିତେନ୍ଦ୍ର ବଛା ଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକଠାରୁ ଚାନ୍ଦୋତରା, ଭୁର୍ଷାଗୁଡା, ଗନ୍ଧର୍ଲା, ଜାମଖୁଣ୍ଟା ପଞ୍ଚାୟତ ଗୁଡିକ ଓ ଟିଟିଲାଗଡ଼ ବ୍ଲକର କୁରସୁଡ଼-ଦିଗସିରା ଅଞ୍ଚଳରୁ ପ୍ରାୟ ୩୦ କିଲୋମିଟର ରୁ ଉର୍ଦ୍ଧ ଦୂରତା ହୋଇଥିବାରୁ ପଞ୍ଚାୟତ ସମିତି ଓ ତହସିଲ କାର୍ଯ୍ୟ ନିମନ୍ତେ ବ୍ଲକ ସୀମାନ୍ତବର୍ତ୍ତୀ ଅଞ୍ଚଳକୁ ବାରମ୍ବାର ଯିବାକୁ ବହୁ ଅସୁବିଧାର ସମ୍ମୁଖୀନ ପଡିଥାଏ ବୋଲି ମତପ୍ରକାଶ ପାଇଛି । ବୈଠକରେ ପୂର୍ବତନ ବ୍ଲକଚେୟାରମ୍ୟାନ ପୂର୍ଣ୍ଣଚନ୍ଦ୍ର

# ଡ୍ରାଇଭର ସଂଘ ତରଫରୁ ମାସିକ ବୈଠକ

ଫିରିଙ୍ଗିଆ,(ପି.ଏନ) : କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଭୃଙ୍ଗିଯୋଡି ଠାରେ ଭୃଙ୍ଗିଯୋଡି ଡ୍ରାଇଭର ସଂଘ ପକ୍ଷରୁ ମାସିକ ବୈଠକ ଅନୁଷ୍ଠିତ । ୨୦୨୫ ମସିହା କୁ ସ୍ୱାଗତ ଜଣେଇ ବୈଠକ ରେ ସଭାପତି ସୁବାଷ ଚନ୍ଦ୍ର କହଁର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ମାସିକ ବୈଠକ କାର୍ଯ୍ୟକ୍ରମ ରେ ମୋଟ ୧୯ ଜଣ ଡ୍ରାଇଭର ସଦସ୍ୟ ଉପସ୍ଥିତ ଥିବା ବେଳେ ସମସ୍ତେ ସଚେତନତା ହୋଇ ନିଜେ ବଞ୍ଚି ଅନ୍ୟକୁ ବଞ୍ଚାଇବାର ସଂକଳ୍ପ ନେବାକୁ ଜନସାଧାରଣ ଙ୍କୁ ଅନୁରୋଧ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଡ୍ରାଇଭ୍ ସଂଘ ବ୍ଲକ ସମ୍ପାଦକ ରମାକାନ୍ତ ପ୍ରଧାନ, ବ୍ଲକ ଗ୍ରୁପ ଆଡମିନ୍ ବାପିନା, ଉମାକାନ୍ତ ଯୋଗଦେଇ ଥିବା ବେଳେ ଭୃଙ୍ଗିଯୋଡି ଡ୍ରାଇଭର ସଂଘ ର ସଭାପତି ବୃଷବ ଶାଣ୍ଡ, ଉତ୍ସବ ବଗର୍ତ୍ତୀ, ରଞ୍ଜନ କହଁର,ରାଜାପା କହଁର, ରବି ଦିଗାଲ, ଜନ୍ମେଜୟ କହଁର, ଗାନ୍ଧୀ କହଁର, ଉତମ କହଁର ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୫, ଅପ୍ରେଲ ୧୪

# ବିଛାମନ୍ତ୍ର ନଜାଣି ସର୍ପଗର୍ତ୍ତରେ ହାତ

ସଂପ୍ରତି ଏ ସମୟରେ ମୋବାଇଲ ଫୋନରେ ୱାଟସପ୍ ମଞ୍ଚରେ ବହୁ ଜ୍ୟୋତିଷୀ ତାଙ୍କର ବିଶେଷ ରୋଜଗାର ପାଇ ହଟଚମଟ ଦେଖାଇ ଏକ ଏକ ରାଶିର ଭଲ ବା ମନ୍ଦ କହିବା ଦେଖାଯାଉଛି। ପ୍ରକୃତରେ ଏହାସବୁ ରାଶିର ଫଳ ମାତ୍ର। ସଂସାର ସୃଷ୍ଟି ଠାରୁ ଏ ପର୍ଯ୍ୟନ୍ତତ ବା ଫଳିତ ଜ୍ୟୋତିଷରେ ଗଣିତ ଜ୍ୟୋତିଷ ସିଦ୍ଧାନ୍ତ ରାଶି କ୍ଷେତ୍ରରେ ଗ୍ରହ ସଞ୍ଚାର ହେଉଛନ୍ତି ଏହା ଉପରେ ବିଭିନ୍ନ ପ୍ରକାରେ ଫଳାଫଳର ଅନୁମାନ କରାଯାଇ ଜ୍ୟୋତିଷୀ ବୟାନ ଦିଆଯାଇ ଆସୁଛି। ଏ ସମୟରେ କୁମ୍ଭ ରାଶିରୁ ଶନି ମୀନ ରାଶିକୁ ସଞ୍ଚାର କଲେ ବହୁ ମାଳିକା ପ୍ରବଚକ କହି ଚାଲିଛନ୍ତି ମୀନ ଶନି ବହୁ ପ୍ରକାର ଧ୍ୱଂସ ସୃଷ୍ଟି କରିବ। ଏଣେ ଫଳିତ ଜ୍ୟୋତିଷରେ ରାଶିଫଳ ବୟାନ ବର୍ତ୍ତମାନେ ଶନିଙ୍କର ଏପରି ସ୍ଥିତି କିଛି ରାଶି ଅଭୂତପୂର୍ବ ହାନି କରାଇବ। ଶନିଙ୍କର ସପ୍ତା, ଢ଼ାୟା ଲୁହା ପାଦର ଶନି ଯୋଗୁ ରାଶି ଗୁଡ଼ିକର ଘୋର ସଂକଟ କରିବ। ଏମିତି ଏଇ ମନ୍ଥର ଗତିର ଗ୍ରହ ୩୦ ବର୍ଷର ରାଶି ଚକ୍ର ପରିକ୍ରମାରେ ପ୍ରାୟ ବ୨୭/୬ମାସ ପରେ ୧/୧ ରାଶିରେ ପ୍ରବେଶ କରି ପ୍ରାୟ ବ୨/୬ ମାସ ରହନ୍ତି। ଏକ ରାଶି ୩୦ ଅଂଶ ୩୬୦ ଅଂଶ ରାଶି ଚକ୍ରରେ ଭଗୀଦାର ବ୨/୬ ମାସ ଅର୍ଥ ୩୦ ମାସ, ଶନି ପଙ୍ଗୁଗ୍ରହ ଯୋଗୁ ୧ମାସକୁ ୧ଅଂଶ ପ୍ରାୟ ଆଗାନ୍ତି। ପୁଣି ଏ ମଧ୍ୟରେ ରବିଙ୍କ ଯୋଗୁଁ ଅସ୍ତ ବକ୍ରୀ ହୋଇଥାନ୍ତି। ଅଷ୍ଟବର୍ଗ ପଦ୍ଧତିରେ ପ୍ରତିଜାତକରେ ସର୍ବାଷ୍ଟକ ବର୍ଗରେ ଯଦି ଗ୍ରହର ଶୁଭବିନ୍ଦୁ ରାଶିଟିରେ ଥାଏ ବା ଶନି ଅଷ୍ଟକ ବର୍ଗରେ ଧାର୍ଯ୍ୟ ଶୁଭ ୮ ବିନ୍ଦୁରେ ୮ ବିନ୍ଦୁ ବା ସେହିପରି ୭/୬/୫/୪ ବିନ୍ଦୁ ପ୍ରାପ୍ତ ହୋଇଥାନ୍ତି। ୩ ଏକ ରାଶିରେ ୮ କକ୍ଷା ଅଛି। ଯାହା ୩ ଅଂଶ ୪୫ କଳ, ଏକକରେ ଏକ ଏକ କକ୍ଷା। ଯଦି ଏ ମଧ୍ୟରେ ଶୁଭ ଗ୍ରହର ଶୁଭ କକ୍ଷାରେ ଶନି ଗତି କରିବେ ତେବେ ଲୋକଟି ସମସ୍ତଙ୍କ ଠାରୁ ଅଲଗା ଶୁଭଫଳ ପାଇପାରିବେ। ଯଦି କିଛି ଶୁଭ କକ୍ଷା ଥାଏ ତେବେ ସେହି କକ୍ଷାରେ ଶନି ଭଲ ଫଳ ହିଁ ଦେଇପାରନ୍ତି। ୩ ଅଂଶ ୪୫ କକ୍ଷ ପାଇଁ ଶନି ପ୍ରାୟ ମାସ/୨୧ ଦିନ ଶୁଭ କକ୍ଷାରେ ଶୁଭ ଫଳ ଅଶୁଭ କକ୍ଷାରେ ଅଶୁଭ ଫଳ ଦେଇପାରନ୍ତି। ଏହା କେବେ ହେଲେ ସମସ୍ତଙ୍କ ପାଇଁ ଏକ ଫଳ ହୋଇନପାରେ। ୧୨ରାଶିରେ ବିଭିନ୍ନ ପ୍ରକାରେ ବିଭିନ୍ନ ଭାବ ରହିଛି। ଯାହା ଲଗ୍ନରୁ ୧୨ଶ ଭାବ ଲୋକଟିର ଜାତକରେ କେଉଁ ଭାବକୁ ଚଳନୀୟ ଶନି କେଉଁ କେଉଁ ଭାବରେ ଅଧିକାରୀ ହୋଇ ସ୍ଥିର ଭାବକୁ ଆକ୍ରାନ୍ତ କରୁଛନ୍ତି ଏହା ବ୍ୟକ୍ତିଗତ ବିଚାର।

୩୦ ବର୍ଷରେ ଶନି ୩୬୦ ଅଂଶର ଚକ୍ର ପୂର୍ଣ୍ଣ କରୁଥିବାରୁ ପ୍ରତି ବ୍ୟକ୍ତିଙ୍କର ୩୦/୬୦/୯୦/୧୨୦ ବର୍ଷରେ ଥରେ ଥରେ ଜନ୍ମ ରାଶି ଓ ଉଦ୍ଦିଷ୍ଟ ଭାବକୁ ଆସିଯାଆନ୍ତି। ପୁଣି ଶନିଙ୍କର କଣ ସବୁ ଗ୍ରହଙ୍କର ଦୃଷ୍ଟି ୭ମକୁ ଅଛି। ଶନି ଦୃଷ୍ଟିକୁ ଖରାପ କୁହାଯାଏ ଯଦି ପ୍ରତି ବ୧୫ ବର୍ଷରେ ଶନିଙ୍କ ଠାରୁ ଶନି ସ୍ୱସ୍ଥାନରୁ ୭ମରେ ରହିଥାନ୍ତି। ଏହି ସ୍ତଳରେ ୧୫/୪୫/୭୫/୧୦୫ ବର୍ଷରେ ଶନି ସ୍ଥିତ ସ୍ଥାନ ଯାହା ଜନ୍ମ ଜାତକରେ ଅଛି ସେ ସ୍ଥାନକୁ ଦୃଷ୍ଟିରେ ନିର୍ଦ୍ଦିଷ୍ଟ ବୟସ ଭୋଗ ହେଉଥିବ। ଚାଣକ୍ୟ ନୀତିରେ ଅଛି ଲାଳୟତ ପଞ୍ଚ ବର୍ଷାଣି। ଏହାର ଅର୍ଥ ଜନ୍ମ କାଳ ଶନି ଠାରୁ ୨ୟ ଘର ଗତି ଯାଏ ଜନ୍ମ ଜାତକକୁ ଲାଳନ କରିବ। ଏ ସମୟରେ ଶିଶୁର ଶରୀର ଏତେ ବିକଶିତ ହୋଇଥାଏ ମାନସିକ ସ୍ତରରେ ତାର ବୋଧଶକ୍ତି ନଥାଏ। ଏ ସମୟରେ ତାକୁ ସ୍ନେହ ଶ୍ରଦ୍ଧା ଦେଇ ସେବା ଶୁଶ୍ରୁଷା କରି ରୋଗ ଚିକିତ୍ସା କରି ଆଗକୁ ବଢ଼ାଯାଏ। ଏହାପରେ ସେ ପାଠ ପଢ଼ିବା ପାଇଁ ବିଦ୍ୟାୟତନ ବା ଗୁରୁ ଗୃହ କୁହାଯାଏ ସାଙ୍ଗ ସାଥିଙ୍କ ସହିତ ମିଳିଥାଏ ମାନସିକ ବିକାଶ ପାଇଁ ପରିବେଶ ସୃଷ୍ଟି କରାଯାଏ। ଏହାର ଚାଣକ୍ୟ ବାଖ୍ୟା ତାୟେତ ଦଶ ବର୍ଷାଣି। ବ୫ର୍ଷରୁ ବ୧୫ର୍ଷ ୧୦ବର୍ଷ ପିଲାଟିକୁ ତାଡ଼ନା ବାରଣ ଆକଟ କରାଯାଏ। ଏ ସମୟରେ ଶନି ସ୍ୱଶନି ସ୍ଥିତିରୁ ୨ୟୁ ୩ୟା ୪ର୍ଥ। ୫ମ ଘରେ ଗତି କରୁଥାନ୍ତି। ଏ ସମୟ ବର୍ତ୍ତମାନ ବିପ୍ରବାଳକଙ୍କର ଉପନୟନ ବ୍ରତ ରେ ଝିଅ ମାନଙ୍କର ପ୍ରଥମର ଜୋ ଦର୍ଶନରୁ ମାସିକ ସ୍ରାବ ଆରମ୍ଭ ପୁଅ ମାନଙ୍କ ଦେହରେ ଶୁକ୍ର ଧାତୁର ସ୍ରୋତ ଦେଖାଯିବ। ଏ ସବୁ ପାଇଁ ମୂରବୀ ଗୁରୁଜନ ମାଆ ତାଙ୍କୁ କଣ କରିବା ଦରକାର କଣ ଭାବିବା ଦରକାର କଣ ଆଚରଣ ଦରକାର ବାରମ୍ବାର ବିଦ୍ୟାର ପରୀକ୍ଷା ଆଦି ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହାପରେ ପ୍ରାପ୍ତେତୁ ଷୋଡ଼ଶ ବର୍ଷେ ପୁତ୍ରଂ ମିତ୍ର ସଦାଚରେତ। ପୁଅ ହେଉ ବା ଝିଅ ହେଉ ତା ସହିତ ମିତ୍ରତା ଆଚରଣ ଆବଶ୍ୟକ ପଡ଼େ। ଏବେ ସାବାଳକ ସାବାଳିକା ଭୋଟ ଦେବା ଅଧିକାର ନିଜସ୍ୱ ମତ ସାବ୍ୟସ୍ତ କରିବା ଏଇ ବ ୧୫ ର୍ଷ ଠାରୁ ବ୧୮ର୍ଷ ମଧ୍ୟରେ ଆସୁଛି। ଯଦି ଶନି ସ୍ୱଜନ୍ମ ଜାତକରୁ ୮ମ ସ୍ଥାନରେ ହିଁ ଗତି କରୁଥାନ୍ତି। ପ୍ରତି ଗ୍ରହ ସ୍ୱଗୃହ ମିତ୍ରଗୃହ ଶତ୍ରୁଗୃହ ଉଚ୍ଚସ୍ଥାନ ମୂଳତ୍ରିକୋଣ ତତ୍କାଳ ମିତ୍ର ତତ୍କାଳ ଶତ୍ରୁ ସ୍ଥାନ ଅଛି। ଏହାରି ଉପରେ ଜନ୍ମ କାଳୀନ ଶନି ଠାରୁ ଶନି ଗୋଚର କରି ଯିବା ବେଳେ ସେହି ବ୍ୟକ୍ତିଙ୍କର କେବଳ ଶୁଭ ବା ଅଶୁଭ ଫଳ ଚିନ୍ତନ କରାଯାଏ। କୁହାଯାଏ ଶନି ହଠଯୋଗୀ ଗ୍ରହ, ଶ୍ରମର ଗୁରୁ, ମନୁଷ୍ୟ ଜୀବନ କେବେ ଆରାମ ପାଇଁ ସବୁବେଳେ ଉଦ୍ଦିଷ୍ଟ ନୁହଁ। ଉଦଯୋଗ ଦ୍ୱାରା ଲକ୍ଷ୍ମୀ ଲାଭ ହୁଏ। ଶନିଙ୍କ ଅନୁକୂଳ ଓ ପ୍ରତିକୂଳ ପ୍ରଭାବ ମନୁଷ୍ୟ ପାଇଁ ଯାହା ମିଳେ ଆଳସ୍ୟ ବିଳାସମୟ ପ୍ରଭାବ ଛାଡ଼ି କେବଳ ଉଦ୍ଦିଷ୍ଟ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ପରିବେଶରେ ଲାଗି ରହିଥିଲେ ହିଁ ଶୁଭ ହୁଏ। ହେଳା କଲେ ଭେଳା ବୁଡ଼େ। ପ୍ରକୃତରେ ଏ ଉକ୍ତିଟି ଶନିଙ୍କର କାର୍ଯ୍ୟକାରିତା ଉପରେ ଧାର୍ଯ୍ୟ। ଅଳସୁଆମିରୁ ନିତ୍ୟ କର୍ମରେ ଅବହେଳା, ପାଠ ପଢ଼ାରେ ଅବହେଳା, ନିତ୍ୟ ରୁଟିନ ଧାର୍ଯ୍ୟ ନକରିବା ଠିକ ସମୟରେ ଋଣଶୋଧ ନକରିବା, ଖଜଣା ପଇଠ ନକରିବା, କ୍ଷେତରେ ଚାଷ ନକରିବା ବୃଥା ସମୟ ଅପଚୟ କରିବା ବର୍ଷା ଦିନ ପୂର୍ବରୁ ଘର ଛଆଣି ନକରିବା। ପିଲାଙ୍କୁ ଗେହ୍ଲା କରି ତାକୁ ସଂସ୍କାର ନଦେବା, ଏପରି ହେଲୁ କାମ ଶନିଙ୍କର କୋପ ଦୃଷ୍ଟିରେ ପକାଏ।

ଶନି କାଳକୋର୍ଟ ପରିଧାନକାରୀ, ଅପରାଧ କମ କରିଲେ କୋର୍ଟ ଦୌଡ଼ା ଓକିଲ ପରାମର୍ଶ ଭୋଗିବାକୁ ପଡ଼େ। ରେଳେରେ ସଠିକ ଟିକେଟ ନକରି ଯାତ୍ରା କରୁଥିଲେ କାଳିଆ କୋର୍ଟ ପିନ୍ଧିବାବୁଙ୍କ ହାବୁଡ଼ରେ ପଡ଼ିବାକୁ ହୁଏ। ଚୋରମାନେ କଳାକନା ବୁଲାନ୍ତି। ନିଜର ଦ୍ରବ୍ୟ ପ୍ରତି ଉପଯୁକ୍ତ ରକ୍ଷଣା ବ୍ୟକ୍ଷଣା ବ୍ୟବସ୍ଥା ନକରିଥିଲେ ଗହଣା ପିନ୍ଧିଲେ ଦେଖେଇ ଚାଲରେ ଏଇ କଳାକନା ବୁଲାଙ୍କ ହାବୁଡ଼ରେ ପଡ଼ିବାକୁ ହୁଏ। ଯେ ପାଞ୍ଚେ ପରମନ୍ଦ ତା ମନ୍ଦ ପାଞ୍ଚନ୍ତି ଠେଙ୍ଗାବାଡ଼ି। ଯଦି କେହି ଅଭିଯୁକ୍ତ ହେଲା ପୋଲିସ ବେତମାଡ଼ ଛାଡ଼ି ମାଡ଼ ପକାନ୍ତି। ଠେଙ୍ଗା ଠେଙ୍ଗୁଣୀ ବେତ ଛାଟ ଏସବୁର ମାଲିକ ଲାଠିଆଳ ଶନିଶ୍ଚର ଦଣ୍ଡଧାରୀ। ଧନୁରା କୃତି ମଣ୍ଡଳ ଶନିଙ୍କର। ଘରେ ଯେତେ ଲୋକଥାନ୍ତୁ ନିଶେ ଅବିଶ୍ୱାସ କରିଅଛି ବୋଲି ଆଲମାରି ବକ୍ସ କବାଟ ତାଲା ଲାଗୁଛି ତାଲାର ବାଙ୍କୁଡ଼ି ହିଁ ଧନୁରାତିବୃତି। ଅତଏବ ଶନି ହିଁ ବିଶ୍ୱାସୀ ସେ ଲୁହାର ବାଙ୍କୁଡ଼ି ଦ୍ୱାରା ଆମକୁ ସହାୟକ ହେଲେ ତାଲାକାଟି ଚୋରୀ ଲୁଟ କଲେ ଠେଙ୍ଗୁଣୀ ବାଲାଙ୍କର କଳା କୋର୍ଟ ବାଲାଙ୍କ ଦ୍ୱାରା ଦଣ୍ଡିତ ହୋଇପାରନ୍ତି। ସଂକୁଚିତର ମାଲିକ ଶନି ଖର୍ଚ୍ଚକାଟ କରି ସଞ୍ଚୟ କରିଲେ ଲୋକର ଭବିଷ୍ୟତ ମଙ୍ଗଳ ହୁଏ। ଅଳ୍ପ କଥାରେ କାର୍ଯ୍ୟ ହାସଲ ପାଇଁ ଶନି ପ୍ରେରଣା ଦିଅନ୍ତି। ଅଳ୍ପକଥାରେ ବିଚାରପତିଙ୍କ ସମ୍ମାନ ଅତି ଉର୍ଦ୍ଧ୍ୱରେ। ବହୁକଥକ ହରକରାର ମଜୁରୀ ଅତିକମ ଅଳ୍ପ ଗୃହର ମାଲିକ ସୁସ୍ଥ ରହନ୍ତି ମାତ୍ର ବଡ଼ ବଡ଼ ଇମାରତର ମାଲିକ ଅବଶ୍ୟ ଦୁଃଖି। ମାଣବସା ଗୁରୁବାର ଲକ୍ଷ୍ମୀ ଚରିତରେ ମହାଲକ୍ଷ୍ମୀ କାହିଁକି ଶ୍ରୀୟା ଚଣ୍ଡାଳୁଣୀଙ୍କ କୁଡ଼ିଆ ଘରକୁଗଲେ, ସାଧବ ଘର ଇମାରତକୁ ଗଲେ ନାହିଁ। ଏହାର ଅର୍ଥ ଶ୍ରୀୟା ସଂକୁଚିତରେ ଚଳିଲେ ବି କର୍ମଠ ଶୁଦ୍ଧ ପରିବେଶରେ ରହିଥିଲେ। ଯାହାର ବହୁ ଆସବାବପତ୍ର ଘରକରଣା ଘର କଠୋରୀ ସେ ସେତେ ହଇରାଣ ଶନିଙ୍କର କୋପରେ ପଡ଼ି ପାରନ୍ତି।

ଶନିଙ୍କର କେବଳ ବିଚାର ରାଶିଚକ୍ରରେ ନାହିଁ ଅନ୍ୟ ଗ୍ରହଙ୍କର ବିଚାର ଅଛି। ୧ ମାସରେ ଚନ୍ଦ୍ର ୧୨ ରାଶି ଭ୍ରମଣ କରିବାବେଳେ ଏ ବର୍ଷରେ ରବି ୧୨ ରାଶି ଭ୍ରମଣ କରନ୍ତି। ୧୨ ବର୍ଷରେ ୧୨ ଘର ବୃହସ୍ପତି ଭ୍ରମଣ କରନ୍ତି। ୧୮ ବର୍ଷରେ ରାହୁ ୧୨ ଘର ଭ୍ରମଣ କରନ୍ତି ଏପରି ମଙ୍ଗଳଙ୍କ ବିହିତ ଧାରାରେ ୧୨ ରାଶି ଭ୍ରମଣକୁ ଏକ ବର୍ଷର ରବିଙ୍କ ସହିତ ଗୋଡ଼ାଣିଆ ଶୁକ୍ର ବୁଧ ବି ୧୨ ରାଶିରେ ଭ୍ରମଣଶୀଳ। ପୃଥିବୀର ଆହ୍ନିକ ଗତିପଥ ୧୨ ଭାଗକୁ ନେଇ ଲଗ୍ନ ସ୍ଥିତି ଏହାର ବିଚାର ସବୁକ୍ଷେତ୍ରରେ କରାଯାଏ। ଶନି ଚଳନ ବେଳେ ଲଗ୍ନ ଧାର୍ଯ୍ୟ ସର୍ବତ୍ର ଏକା ହୋଇନପାରେ ଅତଏବ ସମସ୍ତଙ୍କର ଏକ ଫଳ ମିଳିବ ଏପରି ଭାବିବା କେବେ ଠିକ ନୁହଁ। ମେଦିନୀୟ ଜ୍ୟୋତିଷରେ ବିଭିନ୍ନ ରାଶି ନକ୍ଷତ୍ର ସ୍ଥିତି ପାଇଁ ଫଳ ଅଲଗା। ଦ୍ୱିସ୍ୱରାଶି ଧନୀ, ମୀନ, ମିଥୁନ, କନ୍ୟା ଏଥିରେ ଶନି ରହିଲେ ବ୍ରାହ୍ମଣୀ ହାତରେ ଅଢ଼ା ଧରାଯାଏ ଯେ ଦୁର୍ଭିକ୍ଷ ପ୍ରଦାନକାରୀ ଶନିଙ୍କର ୩ୟ ଦୃଷ୍ଟିରେ ୭ମ ଦୃଷ୍ଟିରେ ୨ ପୃଥ ରାଶି ରହେ। ବୃଷ ଓ କନ୍ୟା ଯଦିବା ଏ ଦୁଇରାଶିଙ୍କର ମିତ୍ର ରାଶି ତଥାପି ବୃଷରୁ କନ୍ୟା ଶେଷ ଯାଏ ଖାରିଫ ଫସଲ ସମୟ ଜଳ ଅଭାବ ବା ଜଳ ବହୁଳରୁ କ୍ଷତି ହୁଏ ଯାହା ସମ୍ପୂର୍ଣ୍ଣ ମୌସୁମୀ ପ୍ରଭାବିତ ସମୟ। କୁହାଯାଏ ଆକାଶରୁ ମହରଗ। ଏହି ଆକାଶଚାରୀ ଗ୍ରହ ଠିକ୍ ବର୍ଷଣ ନକଲେ ସବୁ ଅଭାବ ଅନାଟନ ସଂସାରରେ ପଡ଼ିଥାଏ ଯହିଁରେ ସମସ୍ତଙ୍କୁ ଭୋଗିବାକୁ ହିଁ ପଡ଼ିଥାଏ। ଏଥିରେ ରାଶି ଏକ ନୁହଁ ୧୨ ରାଶିର ବ୍ୟକ୍ତିମାନେ ଭୋଗିବାକୁ ବାଧ୍ୟ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# କୋଟି ପ୍ରଣାମ ଯାହା ତୁଳନାରେ ନଗଣ୍ୟ

ଭଗବାନ ଶ୍ରୀସତ୍ୟସାଇ ବାବା ମହାସମାଧି ଗ୍ରହଣ କରିବାର ଚଉଦତମ ବର୍ଷ ଆସି ଉପସ୍ଥିତ। ସେ ତାଙ୍କ ସ୍ଥୂଳ ଶରୀର ତ୍ୟାଗ କରିଛନ୍ତି ସତ କିନ୍ତୁ ଆଶ୍ରିତ ମାନଙ୍କୁ ତ୍ୟାଗ କରିନାହାନ୍ତି। ଏବେ ମଧ୍ୟ ସୂକ୍ଷ୍ମରେ ସମସ୍ତ ଦୈବୀକର୍ତ୍ତବ୍ୟ ମାନ ପୂର୍ବବତ୍ ସମ୍ପାଦନ କରିଚାଲିଛନ୍ତି। ଏଥିରୁ ସୂଚିତ ହେଉଛି ଯେ ଅବତାରଙ୍କ ଉପସ୍ଥିତି ଓ ଅନୁପସ୍ଥିତି ଭକ୍ତ ବା ଆଶ୍ରିତମାନଙ୍କ ପକ୍ଷରେ ସମାନ କଥା। ସେମାନଙ୍କ ବଳ ତାଙ୍କ ପ୍ରାର୍ଥନା ଓ ଅନ୍ତରର ପବିତ୍ରତା ଯାହାକୁ ନିର୍ଭର କରି ସେମାନେ ନିଶ୍ଚିନ୍ତରେ ରହିପାରନ୍ତି ଓ ଭଗବତ୍ କୃପା ଲାଭ କରିପାରନ୍ତି। ସେ ସ୍ଥୂଳ ଶରୀରରେ ଥିଲାବେଳେ କହୁଥିଲେ ''ମୋ କଥା ମାନିବା ହିଁ ମୋ କୃପା ପାଇବାର ଉପାୟ''। ମହାସମାଧି ଗ୍ରହଣ କରିବା ପରେ ମଧ୍ୟ ତାଙ୍କ ପୂର୍ବ ପ୍ରଦତ୍ତ ବାକ୍ୟ ରକ୍ଷା କରିବାରେ ସେ ପୂର୍ଣ୍ଣ ମାତ୍ରାରେ ସମର୍ଥ। ତାଙ୍କ ଅଲୌକିକ କାର୍ଯ୍ୟମାନ ତାଙ୍କ ବଡ଼ଭାଇଙ୍କ ମନରେ ସନ୍ଦେହ ଆଣୁଥିଲା। ୧୯୪୭ ମସିହା ମେ ମାସ ୨୫ ତାରିଖରେ ବାବା ବଡ଼ ଭାଇଙ୍କୁ ଯେଉଁ କ୍ଷୁଦ୍ର ପତ୍ରଟି ଲେଖିଥିଲେ ସେଥିରେ ତାଙ୍କ ସଂକଳ୍ପ, ତାଙ୍କ ଜୀବନର ଉଦ୍ଦେଶ୍ୟ ଓ ସଂସାରର ଜନସାଧାରଣଙ୍କ ପାଇଁ ସେ ଯେଉଁ ଯୋଜନା ଧରି ଅବତାର ଗ୍ରହଣ କରିଛନ୍ତି ତାହା ଅତି ସୁସ୍ପଷ୍ଟ। କେବଳ ପତ୍ର ଲେଖି ଭାଇଙ୍କୁ ସନ୍ତୁଷ୍ଟ କରି ଦେଇନଥିଲେ ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ। ଅବତାର ମାନଙ୍କ କଥା ଓ କର୍ମ ଭିତରେ କୌଣସି ପାର୍ଥକ୍ୟ ନଥାଏ। ଚିଠିଟି ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ଲେଖିଥିଲେ ସମଗ୍ର ମାନବ ଜାତି ପାଇଁ ମୁଁ ଗୋଟିଏ ଗୁରୁଦାୟିତ୍ୱ ବହନ କରି ଆସିଛି ତାହା ହେଉଛି ସାରା ଜଗତକୁ ପରିପାଳନ କରି ସମସ୍ତଙ୍କ ଅନ୍ତରରେ ପବିତ୍ର ଆନନ୍ଦ ଭରିଦେବ। ମୋର ଗୋଟିଏ ସଂକଳ୍ପ ଅଛି, ତାହା ହେଉଛି ସତ୍ ମାର୍ଗରୁ ବିଚ୍ୟୁତ୍ ହୋଇଯାଇଥିବା ସମସ୍ତଙ୍କୁ ପୁନର୍ବାର ସତ୍‌ପଥକୁ ଘେନି ଆସି ତାଙ୍କୁ ଉଦ୍ଧାର କରିଦେବ। ଆଉ ଗୋଟିଏ କର୍ମ ମୋତେ ଭାରି ଭଲ ଲାଗେ, ତା ହେଉଛି ଦୀନ ଦରିଦ୍ର ମାନଙ୍କର ଥିବା ଅଭାବକୁ ପୂରଣ କରିବା। ମୁଁ ନିଜକୁ ଗୌରବାନ୍ୱିତ ମନେକରିବାର ଗୋଟିଏ ହେତୁ ଅଛି ତାହେଉଛି ମୋତେ ସଠିକ୍ ଭାବେ ଭଲ ପାଉଥିବା ସଭିଙ୍କୁ ମୁଁ ରକ୍ଷା କରିଥାଏ। ମୋତେ ସଠିକ୍ ଭାବେ ଭଲପାଇବାର ଉପଯୁକ୍ତ ଅର୍ଥ ହେଉଛି ଦୁଃଖରେ ସୁଖରେ, ଲାଭରେ କ୍ଷତିରେ ସମଚିତ୍ତ ବିଶିଷ୍ଟ ରହି ମୋତେ ନଛାଡ଼ିବା। ଯେଉଁମାନେ ନିଜକୁ ମୋ ସହ ସଂଯୁକ୍ତ କରି ଜୀବନ ଯାପନ କରନ୍ତି ମୁଁ ସେମାନଙ୍କୁ କେବେହେଲେ ପରିତ୍ୟାଗ କରେନାହିଁ।

ଦିବ୍ୟସମ୍ଭାଷଣ ଓ ସେ ନିଜର ଦୈବୀଶକ୍ତି, ଦିବ୍ୟପ୍ରେମ, ଦିବ୍ୟ ଆନନ୍ଦକୁ ବ୍ୟବହାର କରି କୋଟି କୋଟି ବ୍ୟକ୍ତିଙ୍କ ଅନ୍ତରରେ ଆନନ୍ଦ ଖେଳାଇ ପାରିଛନ୍ତି। ସେବାକାର୍ଯ୍ୟରେ ନିୟୋଜିତ କରି ସହସ୍ର ସହସ୍ର ବ୍ୟକ୍ତିଙ୍କୁ ସ୍ୱାଭାବିକ ଆନନ୍ଦ ଉପଲବ୍ଧି କରାଇପାରିଛନ୍ତି। ଭଜନ ଓ ନାମ ସ୍ମରଣ ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ନରନାରୀଙ୍କ ଠାରେ ଆନନ୍ଦ ପ୍ଲାବନ କରିପାରିଛନ୍ତି। ଦିବ୍ୟ ସମ୍ଭାଷଣ ମାଧ୍ୟମରେ ପ୍ରଦାନ କରୁଥିବା ଭାବାତୀତ ଶିକ୍ଷାକୁ ଜୀବନରେ ଯେଉଁମାନେ ବ୍ୟବହାର କରିଛନ୍ତି ସେ ସମସ୍ତେ ଅପାର ଆନନ୍ଦ ଲାଭ କରିଛନ୍ତି। ସର୍ବୋପରି ଏଭଳି ଐଶ୍ୱରିକ ଶକ୍ତି ସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ଚର୍ମ ଚକ୍ଷୁରେ ଦର୍ଶନ ପୂର୍ବକ ନିଜର ଭାଗ୍ୟକୁ ପ୍ରଶଂସା କରି ସମଗ୍ର ମାନବଜାତି ନିଜକୁ ଧନ୍ୟ ମନେକରୁଛି। ସମୟର ପ୍ରଭାବ, ଯୁଗ ଧର୍ମ, ଅଜ୍ଞାନ ଓ ଅହଂକାରର ବଶବର୍ତ୍ତୀ ହୋଇ ଆଜି ମଣିଷ ଅମଣିଷ ପାଲଟି ଯାଉଛି। ଦୈନିକ ସମ୍ବାଦପତ୍ର ତାହାର ପ୍ରମାଣ। ମଣିଷ ଜାଣିପାରୁନାହିଁ କ'ଣ କରଣୀୟ, କ'ଣ ଅକରଣୀୟ, ବିବେଚନାଶକ୍ତି ହରାଇ ମଣିଷ ତାହାଠାରୁ ନିମ୍ନ ପ୍ରବୃତ୍ତି ସମ୍ପନ୍ନ କର୍ମମାନ କରିବସୁଛି। ବିବେକ କ'ଣ, କେଉଁଠି ଥାଏ, ସେ କ'ଣ କରେ, ତାହା ଜାଣିଥିବା ଲୋକେ ଆଜି ବିରଳ। ଜୀବନଯାପନ କରିବାର ସଠିକ ମାର୍ଗ ଆଜି ବିସ୍ମୃତ ଏବଂ ତାହାର ପରିଣାମ କି କଷ୍ଟଦାୟକ! ଅଧିକାଂଶ ଏକ ଉତପ୍ତ, ଅନୁତପ୍ତ ଓ ଚାପଗ୍ରସ୍ତ ଜୀବନର ଅସହ୍ୟ ଦୁଃଖରେ ବଞ୍ଚିବାକୁ ବାଧ୍ୟ ହେଉଛନ୍ତି। ବାବା



ଇଂ.ସଚ୍ଚିଦାନନ୍ଦ ନନ୍ଦ

କିନ୍ତୁ ଏଥିରୁ ଉଦ୍ଧାର ପାଇବା ପାଇଁ ପ୍ରାୟଶ୍ଚିତ କରିବାକୁ କହନ୍ତିନାହିଁ। ତାଙ୍କର ପ୍ରଚଣ୍ଡ କ୍ଷମାଶକ୍ତି ବ୍ୟବହାର କରି କହନ୍ତି 'ତୁମେ କିଛିଟା ଭୁଲ କରିଦେଇଛ ମୁଁ, ସେସବୁକୁ କ୍ଷମା କରିଦେଉଛି, ଅତୀତକୁ ଭୁଲିଯାଅ, ନୂଆ କରି ଏକ ଜୀବନ ଆରମ୍ଭ କର। ସେ ସ୍ନେହରେ ଆମ ହାତକୁ ଧରି ସତ୍ ପଥକୁ ଘେନି ଆସନ୍ତି, ଅନ୍ତରରେ ସଂସ୍କାର ଭରି ଦିଅନ୍ତି, ମନରେ ଦୃଢ଼ତା ବୃଦ୍ଧି କରି ନୂତନ ଜୀବନ ପଥରେ ଆମକୁ କେବଳ ଛାଡ଼ି ଦିଅନ୍ତି ନାହିଁ, ଆମ ସହିତ ନିଜେ ମଧ୍ୟ ଚାଲନ୍ତି। ନୈତିକ ଜୀବନର ସ୍ୱାଦ ଚଖାଇ ଅନୈତିକ ମାର୍ଗର ତିକ୍ତତା ଅନୁଭବ କରାଇ ଦିଅନ୍ତି। ଶୃଙ୍ଖଳିତ ଜୀବନର ନିରାପତ୍ତାଭୋଗ କରାଇ ବିଶୃଙ୍ଖଳିତ ଜୀବନ ପାଇଁ ଅରୁଚି ସୃଷ୍ଟିକରି ଦିଅନ୍ତି। ତାଙ୍କ ଦିବ୍ୟଜୀବନର ନିଦର୍ଶନ ମାଧ୍ୟମରେ ମଣିଷ ଠାରେ ଦିବ୍ୟ ଜ୍ଞାନ ଉଦ୍ରେକ କରାଇ ଦିଅନ୍ତି ଯାହାଫଳରେ ଲୋକେ ପ୍ରେୟ ମାର୍ଗ ଛାଡ଼ି ଶ୍ରେୟ ମାର୍ଗ ଅବଲମ୍ବନ କରିଥାନ୍ତି ଏବଂ ସ୍ୱଅର୍ଜିତ ଆନନ୍ଦ ଉପଭୋଗ କରିପାରନ୍ତି। ଅଭାବି ଲୋକଙ୍କର ଅଭାବ ପୂରଣ କରିବା ଭଗବାନଙ୍କ ପାଇଁ ଖୁବ୍ ସହଜ, ସେମାନଙ୍କର ନିତାନ୍ତ ଆବଶ୍ୟକ ହୁଏ, ଖାଦ୍ୟ, ବସ୍ତ୍ର ଓ ବାସଗୃହ। ଏଗୁଡ଼ିକ ଯିଏ ପୂରଣ କରେ ସେମାନେ ପୁଣ୍ୟ ଅର୍ଜନ କରନ୍ତି। ଅନ୍ୟପକ୍ଷରେ ଅଭାବର ଅଭାବ ଦୂର ହୁଏ। ଅଭାବ ମୁଖ୍ୟତଃ ଦୁଇପ୍ରକାରର। ପ୍ରଥମଟି ପ୍ରକୃତ ଅଭାବ ଓ ଦ୍ୱିତୀୟଟି ଲୋଭ ଜନିତ ଅଭାବ, ଯାହା କେବେହେଲେ ପୂରଣ ହୋଇପାରିବ ନାହିଁ।

ସଂସାରରେ ଏଭଳି ଲୋକ ଅଛନ୍ତି ଯେଉଁମାନେ ଦରିଦ୍ର ମାନଙ୍କ ଆବଶ୍ୟକତା ପୂରଣ କରିପାରିବେ କିନ୍ତୁ ଲୋଭଜନିତ ଅଭାବର ପରିସମାପ୍ତି ନଥାଏ। ସଂଗଠନ ମାଧ୍ୟମରେ ତାଙ୍କ ଆଶ୍ରିତମାନଙ୍କୁ ଶିକ୍ଷା ଦେଇ ବାବା ଲୋଭ କମାଇବା ଓ ତ୍ୟାଗଭାବ ବଢ଼ାଇବାର ଶିକ୍ଷା ଦେଇ ଅଭାବ ମାନଙ୍କ ଇଚ୍ଛା ପୂରଣ କରିଦେଇଥାନ୍ତି। ଗତ ୨୦୦୮ ବନ୍ୟାରେ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ଅକଥନୀୟ କ୍ଷତି ଘଟିଲା। ଭଗବାନ ଏଥିରେ ବାସଗୃହ ହରାଇଥିବା ଲୋକଙ୍କ ପାଇଁ ଏକ ହଜାର ପକ୍କା ବାସଗୃହ ନିର୍ମାଣ କରି ଦେଇଛନ୍ତି। ସେଥିପାଇଁ ତାଙ୍କ କୋଡାଇସ୍ଥିତ ଆଶ୍ରମର କିଛି ଅଂଶ ବିକ୍ରି କରିବାକୁ ପଡ଼ିଥିଲା। ଆନ୍ଧ୍ରପ୍ରଦେଶର ରୟାଲସୀମା ଅନ୍ତର୍ଗତ ଅନନ୍ତପୁର, ମେହବୁବ୍ ନଗର, ଯେତକ ଜିଲ୍ଲା ପ୍ରଭୃତିରେ ଘୋର ଜଳକଷ୍ଟ ଥାଏ। ଚେନ୍ନାଇରେ ମଧ୍ୟ ଘୋର ଜଳଭାବ ଥିଲା। ଭଗବାନ ବାବା ସେ ଅଭାବ ଦୂରକରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସେ ଅଞ୍ଚଳର ଜଳାଭାବ ଦୂର କରିଛନ୍ତି। ସଂଗଠନ ମାଧ୍ୟମରେ ବି ବିଭିନ୍ନ ଜଳାଭାବ ଥିବା ସ୍ଥାନରେ ଜଳଯୋଗାଣ କରାଯାଇପାରିଛି। ଦୂରାରୋଗ୍ୟ ବ୍ୟାଧିରେ ପ୍ରପୀଡ଼ିତ ବ୍ୟକ୍ତିମାନେ ଚିକିତ୍ସା ସୁବିଧା ପାଇପାରୁ ନାହାନ୍ତି। ସେ କଷ୍ଟରେ ବ୍ୟଥିତ ହୋଇ ପୁଟ୍ଟାପର୍ତ୍ତୀ ଓ ହ୍ୱାଇଟ୍ ଫିଲଡ୍ ଠାରେ ଦୁଇଟି ବଡ଼ ବଡ଼ ଡାକ୍ତରଖାନା ଓ ଅତି ବିଶିଷ୍ଟ ଚିକିତ୍ସା ଯୋଗାଇ ଦେବା ପାଇଁ ସୁପରସ୍ପେଶାଲିଟି ହସ୍ପିଟାଲ ନିର୍ମାଣ କରି, ସମସ୍ତଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣାରେ ବଡ଼ ବଡ଼ ଖର୍ଚ୍ଚ ବହୁଳ ଚିକିତ୍ସା ପ୍ରଦାନ କରୁଛନ୍ତି। ଏହାସଙ୍ଗେ ସଙ୍ଗେ ସଂଗଠନର ଶହ ଶହ ଶାଖାରେ ସେ ଅଞ୍ଚଳର ରୋଗୀମାନଙ୍କ ପାଇଁ ମାଗଣା ଡାକ୍ତରୀ ପରାମର୍ଶ ସହ ଔଷଧ ପ୍ରଦାନ କାମ ଚାଲିଛି।

ନିତ୍ୟନାରାୟଣ ସେବା ଯୋଜନାରେ ସହସ୍ର ସହସ୍ର ନିରନ୍ନ ବ୍ୟକ୍ତିଙ୍କୁ ମାଗଣାରେ ଅନ୍ନଦାନ ପ୍ରତିଦିନ ଦିଆଯାଇପାରୁଛି। ଗ୍ରାମାଞ୍ଚଳର ଅତ୍ୟନ୍ତ ନିଃସହାୟ ମାନଙ୍କ ପାଇଁ ନିଶୁଳ୍କ ସାଇ କୁଟୀର ମାନ ଯୋଗାଇ ଦିଆଯାଇ ପାରୁଛି। ଶୀତ ଦିନେ ସଂଗଠର କର୍ମୀମାନେ ନିଶାର୍ଦ୍ଧରେ ବୁଲି ବୁଲି ଶୀତବସ୍ତ୍ର ନଥିବା ଲୋକଙ୍କୁ କମ୍ବଳ ଓ ଚାଦର ବାଣ୍ଟି ଦେଇଥାନ୍ତି। ଯେଉଁମାନଙ୍କର ପାଠପଢ଼ା ଦିଗରେ ଅସୁବିଧା ଅଛି ସେ ପିଲା ମାନଙ୍କୁ ମାଗଣାରେ ଟିଉସନ କରୁଛନ୍ତି ସଂଗଠନର ବିଜ୍ଞବ୍ୟକ୍ତି ମାନେ। ବାବା ତାଙ୍କ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଅନ୍ତର୍ଭୁକ୍ତ ସ୍କୁଲ ଓ କଲେଜମାନଙ୍କରେ ସମ୍ପୂର୍ଣ୍ଣ ମାଗଣାରେ କେଜି ରୁ ପିଜି ପର୍ଯ୍ୟନ୍ତ ଉଚ୍ଚତର ଶିକ୍ଷା ପ୍ରଦାନ କରି ଆସୁଛନ୍ତି ଦୀର୍ଘ ପଇଁତିରିଶ ବର୍ଷ ଧରି। ସବୁଠାରୁ ବଡ଼କଥା ହେଲା ପରିସ୍ଥିତିର ଦାସ ହୋଇ ମଣିଷ ଯେତେବେଳେ ବିପଦର ସମ୍ମୁଖୀନ ହୋଇଛି କେବଳ ଗୋଟିଏ ନିଷ୍ପାପର ପ୍ରାର୍ଥନା ବଦଳରେ ସେ ପାଇଛି ଅଭୟ ଏବଂ ସକାରାତ୍ମକ ପ୍ରତିଶ୍ରୁତି। ଦୁର୍ଘଟଣାରୁ ଉଦ୍ଧାର ପାଇବା, ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ଓ ଦୁରାତ୍ମାଙ୍କ କବଳରୁ ବର୍ତ୍ତିଯିବାର ଉଦାହରଣ ଅସଂଖ୍ୟ। ନିଜ ଜୀବନର ଦୃଷ୍ଟାନ୍ତ ଦେଇ ସମଗ୍ର ମାନବ ଜାତିକୁ ପ୍ରେମ ଓ ସେବା ମନ୍ତ୍ରରେ ଦୀକ୍ଷିତ କରାଇ ଭଗବାନ ବାବା ଆଶ୍ରିତ ମାନଙ୍କ ସହ ଆଣ ଆଶ୍ରିତମାନଙ୍କ ବହୁ ଉପକାର ଏପରିକି ଆତ୍ମଜ୍ଞାନ ସାଧନ କରାଇଛନ୍ତି। ସର୍ବଧର୍ମ ସମନ୍ୱୟ ପ୍ରତିଷ୍ଠା କରି ଧର୍ମ ଧର୍ମ ଭିତରେ ଥିବା ବିଦ୍ୱେଷ ଭାବ ଦୂରକରି ସମାଜରେ ସହାବସ୍ଥାନ ସମ୍ଭବ କରାଇ ପାରିଛନ୍ତି। ତାଙ୍କ ଦିବ୍ୟ ପ୍ରେମର ପ୍ରସାର ଘଟାଇ ଲୋକ ମାନଙ୍କ ପ୍ରେମ ବଳୟକୁ ଅଧିକ ସମ୍ପ୍ରସାରିତ କରାଇବା ସହ ଜୀବନକୁ ସରଳ, ତରଳ ଓ ଉପଭୋଗ୍ୟ କରାଇ ପାରିଛନ୍ତି। ତାଙ୍କ ପାଇଁ ଯେତେ କୋଟି ଜୟକାର ଦେଲେ ବି ତାହା ଯଥେଷ୍ଟ ନୁହେଁ।

ସମ୍ପାଦକ, 'ଶ୍ରୀ ସତ୍ୟସାଇ ବାଳବିକାଶ',
ଅଲିଶା ବଜାର, କଟକ,
ଦୂରଭାଷ : ୯୪୩୭୫୧୧୨୩୦

# ବନ୍ଧୁତ୍ୱର ମହତ୍ତ୍ୱ-ବିଶ୍ୱ ରଞ୍ଜନ

ସବୁ ମୂଳରେ ବନ୍ଧୁତା। ସ୍ନେହ, ସଂପ୍ରୀତି, ଆନୁଗତ୍ୟ, ଗଭୀର ସଂପର୍କ, ସମ୍ମାନବୋଧ ଓ ସଂଭ୍ରମତା, ମୁକ୍ତ ମତ ବିନିମୟ; ସର୍ବୋପରି ବିଶ୍ୱାସ ହେଉଛି ବନ୍ଧୁତାର ଭିତ୍ତି। ବନ୍ଧୁତା ଉତେପ୍ରେରକ। ସମାନ ଆଗ୍ରହ ଓ ରୁଚି, ପାରସ୍ପରିକ ସମ୍ମାନବୋଧ, ସଂପୃକ୍ତି, ନିବିଡ଼ତା ଓ ଭାବଗତ ନିରାପତ୍ତା ଉପରେ ବନ୍ଧୁତା ଆଧାରିତ। ସେଥିରେ ଥାଏ ନିଃସର୍ତ୍ତ ପ୍ରେମ, ପୁଣି ନିର୍ଭରଶୀଳତା। ସେଥିରେ ନିହିତ ଥାଏ ପୌରୁଷର ସହଭାଗିତା, ବ୍ୟକ୍ତିତ୍ୱର ବିକାଶ ଓ ସଂବର୍ଦ୍ଧନ। ବନ୍ଧୁତା ସୁଖ ବଢ଼ାଏ, ଶକ୍ତି ପ୍ରଦାନ କରେ, ଆପଣା ମୂଲ୍ୟବୋଧରେ ଜୀବନକୁ ଋଦ୍ଧିମନ୍ତ କରେ।

ଆଜି ସାରା ପୃଥିବୀ ଦାରିଦ୍ର୍ୟ, ହିଂସା, ମାନବିକ ଅଧିକାର ଉଲ୍ଲଂଘନ ଇତ୍ୟାଦିରେ ହନ୍ତସନ୍ତ ହେଉଥିବା ବେଳେ ତୃଣମୂଳ ସ୍ତରରେ ସୁସଂହତ, ଶାନ୍ତିପୂର୍ଣ୍ଣ ଓ ସଂପ୍ରୀତିସମୃଦ୍ଧ ବନ୍ଧୁତାର ଭାବ ଯେ ଅପରିହାର୍ଯ୍ୟ, ତାହା କହିବା ଅନାବଶ୍ୟକ। ଲୋକ, ସମାଜ, ସମୁଦାୟ, ସଂପ୍ରଦାୟ, ଦେଶ ଓ ସଂସ୍କୃତି ମଧ୍ୟରେ ବନ୍ଧୁତାର ବାତାବରଣ ଅବ୍ୟାହତ ରହିଲେ ହିଁ ଏକ ଅର୍ଥପୂର୍ଣ୍ଣ ସାମଗ୍ରିକ ଭବିଷ୍ୟତ୍ ? ସମ୍ଭବ ହୋଇପାରିବ।
କୁହାଯାଏ ରକ୍ତର ସମ୍ପର୍କ ଠାରୁ ବି ଅଧିକ ବନ୍ଧୁତାର ସମ୍ପର୍କ । ବନ୍ଧୁତାର ଅର୍ଥ ଅବର୍ଣ୍ଣନୀୟ । ପ୍ରେମ, ବିଶ୍ୱାସ ଓ ପରସ୍ପର ମଧ୍ୟରେ ଥିବା ଉତ୍ତମ ବୁଝାମଣାକୁ ହିଁ ବନ୍ଧୁତ୍ୱ କୁହାଯାଏ । ଆମେ ଯେତେବେଳେ ଛୋଟ ଥାଉ ସେବେ ଠାରୁ ଏହି ସମ୍ପର୍କ ସୃଷ୍ଟି କରିବା ଆରମ୍ଭ କରିଥାଉ । ଆମ ସହପାଠୀ କିମ୍ବା ପଡୋଶୀ ଏମାନେ ଆମ ବନ୍ଧୁତ୍ୱ ସମ୍ପର୍କର ଏକ ଅଭିନ୍ନ ଅଙ୍ଗ । ଏକ ଭଲ ସାଙ୍ଗଟିଏ ମିଳିବା ପରେ ଆମ ଜୀବନର ମୋଡ ବଦଳିଯାଏ । କୁହାଯାଏ ଜଣେ ଭଲ ବନ୍ଧୁଟିଏ ପାଇବା କୋଟି ଜନ୍ମର ସାର୍ଥକତା ହୋଇଥାଏ । ଏହି ପବିତ୍ର ବନ୍ଧନ ଆଜି କି କାଲିର ନୁହେଁ ଏହା ବହୁ ପୁରାତନ କାଳରୁ ଚାଲି ଆସିଛି । ଏହାର ଏକ ବଡ ଉଦାହରଣ ହେଉଛନ୍ତି କୃଷ୍ଣ-ସୁଦାମାଙ୍କ ବନ୍ଧୁତା। ମନକଥା ଖୋଲି କହିବା ଲାଗି ବନ୍ଧୁର ବିକଳ୍ପ ନାହିଁ । ଜଣେ ପ୍ରକୃତ ବନ୍ଧୁ ବିପଦ ଆପଦ ସବୁ ସମୟରେ ପାଖରେ ଛିଡା ହୋଇଥାଏ । ସମସ୍ତଙ୍କ ଜୀବନରେ ବନ୍ଧୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଯେତେବେଳେ ସାରା ସମାଜ ଆପଣଙ୍କୁ ଭୁଲ ବୁଝିଥାଏ । ସେତେବେଳେ ଯିଏ ଆପଣଙ୍କୁ ସାହାର ଦିଏ, ଯିଏ ଆପଣଙ୍କ ପ୍ରତିଟି କଥାକୁ ବୁଝେ । ଆଉ ସମାଜ ବିରୋଧରେ ଯାଇ ଆପଣଙ୍କୁ ସମର୍ଥନ କରେ, ତାକୁ ଆପଣ ପ୍ରକୃତ ବନ୍ଧୁ ବୋଲି କହିପାରିବେ । ବନ୍ଧୁ ତ ଅନେକ ଥାନ୍ତି କିନ୍ତୁ ପ୍ରକୃତ ବନ୍ଧୁ ସିଏ ଯିଏ ଆପଣଙ୍କ ବିଷୟରେ ସବୁ ଜାଣି ମଧ୍ୟ ଆପଣଙ୍କୁ ସର୍ବସମ୍ମୁଖରେ ଗ୍ରହଣ କରିଥାଏ । ଜୀବନରେ ବନ୍ଧୁର ଭୂମିକା ତଥା ବନ୍ଧୁତ୍ୱର ମହତ୍ତ୍ୱକୁ ଉପଲବ୍ଧି କରିବା ହେଉଛି ବନ୍ଧୁତ୍ୱ ର କର୍ତ୍ତବ୍ୟ।
ଉଇଲିୟମ୍ କୁପରଙ୍କ 'ଆଲେକ୍ ?ଜାଣ୍ଡର ସେଲକାର୍କ' କବିତାରେ କୁହାଯାଇଛି ଯେ ସମାଜ, ବନ୍ଧୁତା ଏବଂ ପ୍ରେମ ହେଉଛି ମାନବକୁ ପ୍ରାପ୍ତ ହୋଇଥିବା ତିନିଟି ନେ ?ସର୍ଗିକ ଉପହାର। ୱାଲଟର ସ୍କଟ୍ ଠାଏ କହିଥିଲେ ଯେ ପୃଥିବୀର ସମସ୍ତେ ତୁମ ପାଖରୁ ବାଟ ଭାଙ୍ଗି ଚାଲିଯିବା ପରେ ପ୍ରକୃତ ବନ୍ଧୁ ହିଁ ତୁମ ପୃଥିବୀରେ ପ୍ରବେଶ କରିଥାଏ। ଆମେ ଯେପରି, ପ୍ରକୃତ ବନ୍ଧୁ ହିଁ ଆମକୁ ସେଇ ପରି ଗ୍ରହଣ କରିଥାଏ। ଏକ ସଂଘାତମୟ ପରିସ୍ଥିତିରେ ବନ୍ଧୁର ଉପସ୍ଥିତି ବଳ ପ୍ରଦାନ କରିଥାଏ।
ବିଶ୍ୱର ବିଭିନ୍ନ ଭାଷା ସାହିତ୍ୟର ବ୍ୟାଖ୍ୟାନ ମାଧ୍ୟମରେ ବନ୍ଧୁତାର ଜୟ-ଜୟକାର କରାଯାଇଛି। ଗ୍ରୀକ୍ ପୁରାଣରେ ଡେମନ୍ ଓ ପିଥିଆସ୍ ?ଙ୍କ ବନ୍ଧୁତା ଯେପରି ସ୍ମରଣୀୟ, ଭାରତୀୟ ସାହିତ୍ୟରେ ବିଷ୍ଣୁଶର୍ମାଙ୍କ ରଚିତ 'ପଞ୍ଚତନ୍ତ୍ର' କାହାଣୀମାଳାରେ ବନ୍ଧୁତା-ମହିମାର ପ୍ରଶସ୍ତ ବ୍ୟାଖ୍ୟା ରହିଛି। ଭାରତୀୟ ପୁରାଣ ଆଖ୍ୟାନଗୁଡ଼ିକରେ ଶ୍ରୀକୃଷ୍ଣ-ସୁଦାମା, କୃଷ୍ଣ-ଅର୍ଜୁନ, ଦ୍ରୌପଦୀ-କୃଷ୍ଣ, ତ୍ରିଜଟା-ସୀତା, କର୍ଣ୍ଣ-ଦୁର୍ଯ୍ୟୋଧନ ଇତ୍ୟାଦିଙ୍କ ବନ୍ଧୁତାର ଦୃଷ୍ଟାନ୍ତ ପ୍ରେରଣାଦାୟୀ ହୋଇ ରହିଛନ୍ତି।
ବନ୍ଧୁତା ସଂପର୍କରେ ସମାଜତତ୍ତ୍ୱବିତ୍ ଏବଂ ମନସ୍ତତ୍ତ୍ୱବିତ୍ ?ମାନଙ୍କ ଆଲୋଚ଼ନା କହିଥାଏ ଯେ ଜଣେ ବ୍ୟକ୍ତିର ବିବର୍ତ୍ତନ ଓ ଉତ୍ତରଣ ବନ୍ଧୁତା ଉପରେ ନିର୍ଭରଶୀଳ। ସୁସଙ୍ଗ ମନୁ ?ଷ୍ୟର ଜୀବନକୁ ମହିମାନ୍ୱିତ କରିଥାଏ। ବନ୍ଧୁ ମଧ୍ୟ ସର୍ବଶ୍ରେଷ୍ଠ ସମାଲୋଚ଼କ ହୋଇପାରେ; କାରଣ ତା'ର ସମାଲୋଚ଼ନା ଓ ପରାମର୍ଶ ଜଣକୁ ପଥଭ୍ରଷ୍ଟ ହେବାରୁ ରକ୍ଷା କରିପାରେ।
ବନ୍ଧୁତାର ଅୟମାରମ୍ଭ ଘଟେ ଆଳାପରୁ। ବାର୍ତ୍ତାଳାପ ଜରିଆରେ ଭିତରେ ଥିବା ଆବେଗ ପ୍ରକାଶ୍ୟ ହୋଇ ଦୁଇ ମନୁଷ୍ୟଙ୍କ ପ୍ରାଣକୁ ପଲ୍ଲବିତ କରି ପକାଏ। ପ୍ରକୃତ ବନ୍ଧୁତା ଉପକାର କରିବାରେ ଓ କଲ୍ୟାଣ କାମନାରେ ନିହିତ ଥାଏ।
ବନ୍ଧୁତାରେ ଅର୍ଥାଗମ ବା ଲାଭ ଅର୍ଜନର ଉଦ୍ଦେଶ୍ୟ ନ ଥାଏ। ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଥାଇ ବନ୍ଧୁତା ଆରମ୍ଭ ହେଲେ ପରବର୍ତ୍ତୀ ସମୟରେ ତାହା ମଧ୍ୟ କଳୁଷିତ ହୋଇଯାଏ। ଯେତେବେଳେ ଜଣେ ମନୁଷ୍ୟ ବିପଦ ବେଳେ ଆଉ କାହାକୁ ନ ପାଇ ଅସହାୟତାର ହାତ ପ୍ରସାରି ଦିଏ, ସେତିକି ବେଳେ ସେହି ହାତକୁ ଧରିବାକୁ ଆଗେଇ ଆସେ ଜଣେ ବନ୍ଧୁ। କିନ୍ତୁ ଏଭଳି ସ୍ଥଳେ ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗ ଓ ଉପସ୍ଥିତି ସେମାନଙ୍କୁ ସାହସ ଓ ଆଶ୍ୱାସନା ପ୍ରଦାନ କରିଛି। ବନ୍ଧୁତାର ନିଦର୍ଶନ ଆହୁରି ଉଜ୍ଜ୍ୱଳ ହୋଇଛି ଏବଂ ବନ୍ଧୁତାର ପରାକା ?ଷ୍ଠା ଅନତିକ୍ରମ୍ୟ ହୋଇଛି।ବିଶ୍ୱାସ ଓ ସତ୍ୟଶୀଳତା ହେଉଛି ପ୍ରକୃତ ବନ୍ଧୁତାର ମୂଳ ନୀତି। ପ୍ରକୃତ ବନ୍ଧୁ ସୁଖ ପ୍ରଦାନ କରେ, ସେଥିପାଇଁ ସେ ସଖା ଭାବେ ସଂବୋଧିତ ହେବା ଯୋଗ୍ୟ। କୁହାଯାଏ ଯେ ବନ୍ଧୁତାର ଦୃଷ୍ଟି ନେଇ



ବିଶ୍ୱ ରଞ୍ଜନ ସାହୁ

ଅନୁଶୀଳନ କଲେ ବେ ?ରୀ ଭାବ ଦୂର ହୁଏ। ସେଭଳି ଦୃଷ୍ଟି ଧାରଣ କଲେ ଅନ୍ୟମାନଙ୍କୁ ଭଲ ଭାବେ ବୁଝି ହୋଇଥାଏ। ସତ୍ ମନୁଷ୍ୟ ହେଉଛି ବନ୍ଧୁତାର ଉତ୍ସ। ସେ ବନ୍ଧୁତାର ଅନୁପାଳକ, ପ୍ରେରକ ଓ ସଂରକ୍ଷକ।
ବନ୍ଧୁତା ଏବଂ କ୍ଷମାର ଗୁରୁତ୍ୱ। ଥରେ ଦୁଇଜଣ ସବୁଠାରୁ ଭଲ ବନ୍ଧୁ ଥିଲେ, ନାମ ଟି ହେଲା ହରି ଓ ନରୀ ଯେଉଁମାନେ ଏକ ସୁନ୍ଦର ପରିବେଶ ର ଅନୁଧ୍ୟାନ ରେ ଭ୍ରମଣ ରେ ଯାଉଥିଲେ। କିଛି ସମୟ ପରେ, ସେମାନଙ୍କର ଯୁକ୍ତିତର୍କ ହେଲା ଏବଂ ଜଣେ ବନ୍ଧୁ ହରି ଅନ୍ୟ ବନ୍ଧୁ ନାରୀଙ୍କୁ ଚାପୁଡ଼ା ମାରିଲା। ଯାହାକୁ ଚାପୁଡ଼ା ମାରିଥିଲା ସେ ବହୁତ ଖରାପ ଅନୁଭବ କଲା ଏବଂ ଆଘାତ ପାଇଲା। କିନ୍ତୁ ସେ କିଛି କହିଲା ନାହିଁ। ସେ କେବଳ ବାଲିରେ କିଛି ଲେଖିଲା। ସେଥିରେ ଲେଖାଥିଲା, 'ଆଜି, ମୋର ସବୁଠାରୁ ଭଲ ବନ୍ଧୁ ମୋତେ ଚାପୁଡ଼ା ମାରିଲା।' । ତା'ପରେ ସେ ପୁଣି ଚାଲିବା ଆରମ୍ଭ କଲା।
ଖୁବ୍ ଶୀଘ୍ର, ସେମାନେ ଏକ ସୁନ୍ଦର ପୁଷ୍କରିଣୀ ନିକଟରେ ପହଞ୍ଚିଲେ ଏବଂ ସେମାନେ ଗାଧୋଇବାକୁ ନିଷ୍ପତ୍ତି ନେଲେ। କିନ୍ତୁ ଚାପୁଡ଼ା ମାରିଥିବା ବନ୍ଧୁଟି ପାଣି ରେ ପଡ଼ି ବୁଡ଼ି ଯାଉଥିଲା। ଏହା ଦେଖି, ଅନ୍ୟ ବନ୍ଧୁ ତାଙ୍କୁ ବଞ୍ଚାଇବା ପାଇଁ ତାଙ୍କ ଉପରକୁ ଡେଇଁପଡ଼ିଲା। ସେ ଯଥାସମ୍ଭବ ଚେଷ୍ଟା କରି ତାଙ୍କ ବନ୍ଧୁଙ୍କୁ ଟାଣି ଆଣିଲେ। ଶେଷରେ, ବହୁତ ସଂଘର୍ଷ ପରେ, ସେ ତାଙ୍କ ବନ୍ଧୁଙ୍କୁ ଗଭୀର ପୁଷ୍କରିଣୀ ପାଣି ରୁ ବାହାର କରିବାରେ ସଫଳ ହେଲେ। ଯେଉଁ ବନ୍ଧୁ ପୂର୍ବରୁ ଅନ୍ୟ ବନ୍ଧୁକୁ ଚାପୁଡ଼ା ମାରିଥିଲା ସେ ତାଙ୍କ ପ୍ରିୟ ବନ୍ଧୁକୁ ବଞ୍ଚାଇବା ପାଇଁ ନିଜ ଜୀବନ ଉପରେ ବାଜି ଲଗାଇବା ପୂର୍ବରୁ ଦୁଇଥର ଭାବି ନଥିଲା। ଏହା ପ୍ରକୃତ ବନ୍ଧୁତା ଏବଂ ସାହସିକତାର ଏକ କାର୍ଯ୍ୟ ଥିଲା, ଏବଂ ଯେଉଁ ବନ୍ଧୁଟି ଚକିଆ ବାଲିରେ ପଡ଼ିଗଲା ସେ ଏବେ ପଥରରେ ଲେଖିଲା, 'ଆଜି ସବୁଠାରୁ ଭଲ ବନ୍ଧୁ ମୋ ଜୀବନ ରକ୍ଷା କଲା।' । ଏହା ଦେଖି ଅନ୍ୟ ବନ୍ଧୁ ତାଙ୍କୁ ପଚାରିଲେ ଯେ ସେ ପୂର୍ବ ନୋଟଟି ବାଲିରେ ଏବଂ ଏହି ନୋଟଟି ପଥରରେ କାହିଁକି ଲେଖିଥିଲେ। ଏଥିରେ ତାଙ୍କ ବନ୍ଧୁ ତାଙ୍କୁ କହିଲେ ଯେ ଯେତେବେଳେ କେହି ନିଷ୍ଠୁର କାର୍ଯ୍ୟ କରନ୍ତି, ତାହା ବାଲିରେ ଲେଖାଯିବା ଉଚିତ ଯାହା ଦ୍ୱାରା ପବନ କ୍ଷମା ଦେଇ ପୋଛି ଦେଇପାରିବ, ଏବଂ ପଥରରେ ଏକ ଭଲ କାମ ଖୋଦିତ ହେବା ଉଚିତ ଯାହା ଦ୍ୱାରା ପବନ କେବେବି ଏହି କାର୍ଯ୍ୟକୁ ପୋଛି ଦେଇପାରିବ ନାହିଁ।
ଦୁଇ ବନ୍ଧୁ, ସେମାନଙ୍କର ବନ୍ଧୁତା ଏବଂ କ୍ଷମାର ଗୁରୁତ୍ୱକୁ ବୁଝିପାରିଲେ। ଯେଉଁମାନେ ପ୍ରକୃତରେ ନିଜର ନିଃସ୍ୱାର୍ଥପର ଭିତରେ ବନ୍ଧୁତା ର ସୁ ସମ୍ପର୍କ ରହି ଯେତେ ଝଗଡ଼ା କରନ୍ତି ତାହା ବାସ୍ତବ ଜୀବନରେ ମୂଲ୍ୟହୀନ । ବାସ୍ତବ ରେ ବନ୍ଧୁତ୍ୱ ର ନିବିଡ଼ ସମ୍ପର୍କ ଓ ବିଶ୍ୱାସ ଉପରେ ଧ୍ୟାନ ଦେବା ଆବଶ୍ୟକ। ତା'ପରେ ଦୁଇ ବନ୍ଧୁ ପରସ୍ପର ଙ୍କୁ ଆଲିଙ୍ଗନ କରି ଓ ଏକାଠି ହୋଇ ନିଜ ଯାତ୍ରାରେ ଆଗମନରେ ବାହାରିଗଲେ।

*ମୋବାଇଲ୍(+୯୬୫)-୫୫୫୬୮୯୯୦*
*ସଭାପତି, ଭାରତୀୟ ପ୍ରବାସୀ ପରିଷଦ-*
*(ଓଡ଼ିଶା ୱିଙ୍ଗସ୍) ସଙ୍ଘ, କୁଏତ*

# ପଣା... ଟଙ୍କ ତୋରାଣିରୁ ରୁହ୍ ଅଫ୍‌ଜା

ଆଜି ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ପରମ୍ପରା ସଂସ୍କୃତି ଓ ଭାଇଚାରାର ପାର୍ବଣକୁ ସୂଚାଇଥାଏ। ଓଡ଼ିଶାର ପ୍ରଥା ପରମ୍ପରାକୁ ଦେଖିଲେ ଘରେ ଘରେ ବର୍ଷ ତମାମ କିଛି ନା କିଛି ପଣା ଆମେ ପିଇଥାଉ। ପ୍ରଚଣ୍ଡ ନିଦାଘରେ ଦେହ ଓ ମନକୁ ଶୀତଳ କରିବା ସହ ଏହା ପୃଷ୍ଟି ଯୋଗାଇଥାଏ। ପଣାଟି ଆମ ସଂସ୍କୃତିର ଅମୃତଧାରା କହିଲେ ଅତ୍ୟୁକ୍ତି ହେବନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରୁ ଦେବ ଦେବ ମହାଦେବ, ମାଣବସା ଗୁରୁବାର ହେଉ ବା ଖୁଦୁରୁକୁଣୀ ଓଷା ଏପରିକି ସାବିତ୍ରୀ ବ୍ରତରେ ମଧ୍ୟ କାଷ୍ଠା ନିଷ୍ଠା କ୍ଷେତ୍ରରେ ପଣା ଲୋଡ଼ା ହୋଇଥାଏ। ତେବେ ବିଷୁବ ସଂକ୍ରାନ୍ତିର ପଣା ବାସ୍ତବରେ ସ୍ୱତନ୍ତ୍ର। ବୃନ୍ଦାବତୀଙ୍କ ନିକଟରେ ମଧ୍ୟ ଠେକି ବନ୍ଧା ଯାଇ ପଣା ଅର୍ପଣ କରାଯାଏ। ସେହିପରି ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ରଥ ଉପରେ ଶ୍ରୀମନ୍ଦିର ବାହୁଡ଼ା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମଧ୍ୟ ଅର୍ପଣ କରାଯାଇଥାଏ ମହାପ୍ରଭୁଙ୍କ ଅଧର ପଣା। ସେହିପରି ଚୈତ୍ର ମାସରେ ପ୍ରତି ଘର ଅଗଣା ସାମ୍ନାରେ ନାଲି ମାଟିରେ ଲିପା ଯାଇ ମା'ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ପଣା ଅର୍ପଣ କରାଯାଏ। ପଣା ଆଲେଖ୍ୟ ସମୟରେ ମହାନ ଭକ୍ତ ସାଲବେଗଙ୍କ କାଳଜୟୀ ଧାଡ଼ିଟି ମନେ ପଡ଼େ - 'ଖିରି ଖେଚୁଡ଼ିରେ ମନ ନପୁରେଇ ଟଙ୍କ ତୋରାଣିରେ ମନ ତୋର ତୋଷ।' ଲୋକକଥା ଅନୁଯାୟୀ ଶ୍ରୀ ଚୈତନ୍ୟଙ୍କ ସହିତ ଏହି ଟଙ୍କ ତୋରାଣିର ସମ୍ପର୍କ ରହିଛି। ଯେ କେହି ଶ୍ରୀମନ୍ଦିର ଯାଉଥିବେ ଆନନ୍ଦ ବଜାରରେ ଏହି ଟଙ୍କ ତୋରାଣିର ଦିବ୍ୟ ସ୍ୱାଦ ନିଶ୍ଚିନ୍ତ ପାଇଥିବେ।

ଆଧୁନିକତାର ସମୟରେ ପାରମ୍ପରିକ ପାନୀୟ ଆଦୌ ହଜି ନାହିଁ। ଗ୍ରୀଷ୍ମ ଦିନରେ ଓଡ଼ିଆଣୀମାନେ ଆମ୍ବପଣା, ସାଗୁ ପଣା, ବେଲପଣା, ନବାତ ଛେନା ପଣା, ଆଖୁରସ ଓ ଲେମ୍ବୁପାଣି ଆଦି ଭରପୁର ପଣାର ମହକକୁ ସମସ୍ତଙ୍କ ଭିତରେ ବାଣ୍ଟିଥାନ୍ତି। ଦକ୍ଷିଣ ଭାରତରେ ମଧ୍ୟ ପଣାର ପାରମ୍ପରିକ ପ୍ରଚଳନ



ଇତିଶ୍ରୀ ଅଲିଭା ଦିପ୍ତିମୟୀ ରାଉତ

ରହିଛି। ଯାହାର ନାମ ହେଉଛି 'ପାନକମ୍'। ତେବେ ଏହି ପଣାର ବର୍ତ୍ତମାନ ସମୟରେ ବଡ଼ ସ୍ଥାନ ନେଇଛି 'ରୁହ୍ ଅଫ୍‌ଜା'। ତଥ୍ୟ ମୁତାବକ ଆଜିକୁ ୧୧୮ ବର୍ଷ ତଳେ ଦିଲ୍ଲୀର ଏକ ଛୋଟ ଔଷଧ ଦୋକାନରେ ଏହାର ସୃଷ୍ଟି। ୟୁନାନି ଚିକିତ୍ସା କରୁଥିବା ହଫିଜ ଅବଦୁଲ ମଜ୍ଜିଜ ନାମକ ଜଣେ ଦେଶୀ ଚିକିତ୍ସକ ଗରମ ଜନିତ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ବିଭିନ୍ନ ସୁସ୍ୱାଦୁ ଫଳ, ଜଡ଼ିବୁଟି, ସୁଗନ୍ଧି ଫୁଲର ନିର୍ଯ୍ୟାସ ଆଉ କିଛି ସ୍ୱତନ୍ତ୍ର ମସଲାକୁ ସମ୍ମିଶ୍ରିତ କରି ଯେଉଁ ସିରପଟି ତିଆରି କରିଥିଲେ ତାହା ହିଁ ଅନେକଙ୍କ ଭିତରେ ଉଭୟ ସୁସ୍ୱାଦ ଓ ଖ୍ୟାତିକୁ ନେଇ ସଞ୍ଚରିଗଲା। ବାସ୍ତବରେ ରୁହ୍ ଅଫଜାର ଅର୍ଥ ହେଉଛି ଆତ୍ମାକୁ ସତେଜ କରୁଥିବା। ୧୯୨୨ରେ ହଫିଜଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ବର୍ଗ ଏହି ପାନୀୟ ସତ୍ୱାଧିକାରୀ ହୋଇଥିଲେ ଓ ପରବର୍ତ୍ତୀ ସମୟରେ ଏହା ଆଫଗାନିସ୍ଥାନରେ ବଡ଼ ବ୍ୟବସାୟ କରିଥିଲା।

ବାସ୍ତବରେ ଆଜିର ସମୟକୁ ଦେଖିଲେ ପାରମ୍ପରିକ ପାନୀୟ ଭିତରେ କିଛି ତଥାକଥିତ ବର୍ତ୍ତମାନ ସମୟର ପାନୀୟରେ ରାସାୟନିକ ଏସେନ୍ସ ମିଶା ପାନୀୟ ସବୁ ରହୁଛି। ନୂତନ ପିଢ଼ି ଏହି ପାରମ୍ପରିକ ପାନୀୟ ସ୍ୱାଦ ଅପେକ୍ଷା ସୁଗାର ସିରପ, ସୋଢ଼ା ଓ ବିଭିନ୍ନ କୃତ୍ରିମ ଫ୍ଲେବର ମିଶା ପାନୀୟକୁ ଅଧିକ ପସନ୍ଦ କରୁଛନ୍ତି। ତେବେ ଯାହାହେଉନା କାହିଁକି ପାଟିକୁ ସୁଆଦିଆ ଓ ପେଟକୁ ଥଣ୍ଡା ଲାଗୁଥିବା ଏହି ମୃଦୁ ପାନୀୟ କେବେହେଲେ ପଣାର ବିକଳ୍ପ ହୋଇପାରିବ ନାହିଁ। ଗ୍ରୀଷ୍ମଋତୁରେ ଶରୀର ପାଇଁ ପଣା ଶୀତଳତା ଓ ସତେଜତା ପ୍ରଦାନ କରିଥାଏ। କାରଣ ପଣାରେ ପଡୁଥିବା ସମସ୍ତ ଉପାଦାନରେ ଶରୀରକୁ ଥଣ୍ଡା ରଖିବାର ଗୁଣ ରଖିଥାଏ। ପଣା ଆମ ହଜମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ ଏବଂ ଏଥିରେ ଏପରି ପୋଷକ ତତ୍ତ୍ୱ ଥାଏ ଯେ ଗ୍ରୀଷ୍ମ କାଳୀନ ଉପାସରେ ମଧ୍ୟ ଏହା ଗୃହୀଣିମାନଙ୍କର ଅତ୍ୟନ୍ତ ପ୍ରିୟ ପାନୀୟ। ପଣାରେ କ୍ୟାଲସିୟମ, ଫସଫରସ ଓ ଆଇରନ ସହ ଭିଟାମିନ ସି ପ୍ରଚୁର ମାତ୍ରାରେ ରହିଥାଏ। ଆସନ୍ତୁ ପଣା ସଂକ୍ରାନ୍ତିରୁ ଆରମ୍ଭ ହେଉଥିବା ପଣାର ଆନନ୍ଦ ଉଲ୍ଲାସ ମହୋତ୍ସବରେ ଦେଶୀୟ ପାନୀୟ ଘରେ ପ୍ରସ୍ତୁତ କରି ଆନନ୍ଦ ଓ ଶାନ୍ତି ଉପଭୋଗ କରିବା।

*ସେକ୍ଟର-୬, ସିଡିଏ, କଟକ*




# ଚମ୍ପୁଆରେ ସମ୍ଭାଗ ସ୍ତରୀୟ ଖେଳକୁଦ



ଚମ୍ପୁଆ, : ଶିକ୍ଷା ବିକାଶ ସମିତି ଓଡିଶାଙ୍କ ଯୋଜନା ଅନୁସାରେ ଉତ୍ତର ସମ୍ଭାଗର ଖେଳକୁଦ ଆଥଲେଟସ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଚମ୍ପୁଆ ଆନୁକୁଲ୍ୟରେ ସ୍ଥାନୀୟ ନେହେରୁ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ମୁଖ୍ୟ ବକ୍ତାଭାବେ ଶିକ୍ଷା ବିକାଶ ସମିତି ଓଡିଶା ଉତ୍ତର ସମ୍ଭାଗର ସମ୍ପାଦକ ଗଙ୍ଗାଧର କର , ସମ୍ମାନିତ ଅତିଥିଭାବେ ଓଡ଼ିଶା ପ୍ରାନ୍ତ ସଂଗୀତ ସଂଯୋଜକ ତଥା ଉତ୍ତର ସମ୍ଭାଗର ପ୍ରଭାରୀ ଜିତେନ୍ଦ୍ର କୁମାର ପଣ୍ଡା, ବିଦ୍ୟାଳୟର ସଭାପତି ରମାକାନ୍ତ ପ୍ରଧାନ, ସମ୍ପାଦକ ଭୋଳାନାଥ ମିଶ୍ର ଆଦି ମଞ୍ଚାସୀନ ଥିଲେ । ସମ୍ଭାଗ ସଂଯୋଜକ କ୍ଷେତ୍ର ମୋହନ ଦାସ ସ୍ୱଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏଥିସହିତ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ଅରୁଣ କୁମାର ନାଏକ, କେନ୍ଦୁଝର ବିଭାଗ ନିରୀକ୍ଷକ ଜ୍ଞାନରଞ୍ଜନ ପାଢ଼ୀ, ମୟୂରଭଞ୍ଜ ବିଭାଗ ନିରୀକ୍ଷକ ହରିଶ ଚନ୍ଦ୍ର ପଣ୍ଡା, କେନ୍ଦୁଝର ସହବିଭାଗ ନିରୀକ୍ଷକ ଲମ୍ବୋଦର ମହାନ୍ତ, ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ, ଉତ୍ତର ସମ୍ଭାଗ କାର୍ଯ୍ୟାଳୟ ପ୍ରମୁଖ ପଦ୍ମଲୋଚନ ମହାନ୍ତ, ଉତ୍ତର ସମ୍ଭାଗ ଖେଳକୁଦ ପ୍ରମୁଖ କୃଷ୍ଣଚନ୍ଦ୍ର ମହାକୁଡ଼, ସମ୍ଭାଗ ? ଶାରୀରିକ ପ୍ରମୁଖ ନରେଶ ଚନ୍ଦ୍ର ମହାନ୍ତ ଆଦି ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ପରିଡ଼ା ଛାତ୍ରଛାତ୍ରୀ ମାନଙ୍କର ଏହି ପ୍ରତିଯୋଗିତାର ମୂଳଦୁଆ , ଅଭ୍ୟାସ ଜାରି ରଖିଲେ ନିଶ୍ଚିତ ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ଦିନେ ସଫଳତା ହାସଲ କରିପାରିବେ ବୋଲି ପ୍ରେରଣା ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଶ୍ରୀ କର ଛାତ୍ରଛାତ୍ରୀ ମାନଙ୍କୁ କ୍ରୀଡ଼ା ସହିତ ଶୃଙ୍ଖଳା ଜରୁରୀ ଓ ଜଣେ ଖେଳାଳି ଶୃଙ୍ଖଳିତ ବ୍ୟବହାର ବଳରେ ମହାନ ଖେଳାଳି ଭାବେ ପ୍ରତିଷ୍ଠା ଲାଭ କରିପାରିଥାଏ ବୋଲି କହିଥିଲେ । ଏହି ପ୍ରତିଯୋଗୀତାରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ମୋଟ୍ ୧୨ଟି ସଙ୍କୁଳର ୭୧ଟି ବିଦ୍ୟାଳୟରୁ ମୋଟ ୪୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ୭୨ ଇଭେଣ୍ଟରେ କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା । ଏଥିରେ ୨୫ଜଣ କ୍ରୀଡ଼ା ପରିଚାଳକ କ୍ରୀଡ଼ା ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଖେଳାଳି କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରାନ୍ତ କ୍ରୀଡ଼ାରେ ଚଳିତ ମାସ ୩୦, ୩୧ ଓ ଫେବୃଆରୀ ୧ତାରିଖରେ ଅଂଶ ଗ୍ରହଣ କରିବେ ବୋଲି ସୂଚନା ପ୍ରଦାନ କରାଯାଇଛି । ଏଥିରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମାଆ ଓ ସେବକ ସେବିକା ସହଯୋଗ କରିଥିଲେ ।

# ରାଷ୍ଟ୍ରୀୟ ବଜରଙ୍ଗ ଦଳ ଅନୁଗୋଳ ପକ୍ଷରୁ ସାଧାରଣ ବୈଠକ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ



ଅନୁଗୋଳ : ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଅନୁବନ୍ଧିତ ରାଷ୍ଟ୍ରୀୟ ବଜରଙ୍ଗ ଦଳ ଅନୁଗୋଳ ପକ୍ଷରୁ ମଝିକା ଗ୍ରାମରେ ସମସ୍ତ ହିନ୍ଦୁ ସନାତନୀ ମାନଙ୍କୁ ନେଇ ବନ୍ଧୁ ମିଳନ ଓ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଭାରତ ମାତା, ପ୍ରଭୁ ଶ୍ରୀରାମ, ବଜରଙ୍ଗୀ ହନୁମାନଙ୍କ ଫୋଟ ଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଉକ୍ତ ବୈଠକ ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଅନୁଗୋଳ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର ଏବଂ ରାଷ୍ଟ୍ରୀୟ ବଜରଙ୍ଗ ଦଳର ଜିଲ୍ଲା ସଂଯୋଜକ ଜଗଦୀଶ ମହାପାତ୍ର, ରାଷ୍ଟ୍ରୀୟ ବଜରଙ୍ଗ ଦଳ ମୁଖ୍ୟ ଉପଦେଷ୍ଟା ଶ୍ରୀ ସରୋଜ ଦେବତା(ତପନ ଭାଇ) ଓ ଜ୍ୟୋତି ରଞ୍ଜନ ନାଏକ(ବୁଲୁ ଭାଇ) ଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଗୋ ମାତାଙ୍କୁ ସୁରକ୍ଷା, ହିନ୍ଦୁ ଏକତା ମନ୍ତ୍ର, ସାମାଜିକ ସେବା, ବିଧର୍ମୀ ମାନଙ୍କୁ କିପରି ଉଚିତ ଶିକ୍ଷା ଦେବା ଇତ୍ୟାଦି ଉକ୍ତ ସଭାରେ ମୁଖ୍ୟ ଆଲୋଚନାର ବିଷୟ ଚର୍ଚ୍ଚା ହୋଇଥିଲା । ଉକ୍ତ ବୈଠକ ଅମ୍ଳାନ ନାଏକ, ହାଡିବନ୍ଧୁ ସାହୁ, ସୁବ୍ରତ ପରିଡା, ଆଶିଷ ସିଂହଙ୍କ ନେତୃତ୍ୱରେ ଡକା ଯାଇଥିଲା । ଜିଲ୍ଲା ଉପ ସଭାପତି ଅଭିଷେକ ବିଶ୍ୱାଳ, ମୁଖ୍ୟ ସଦସ୍ୟ ଚିତ ରଞ୍ଜନ ନାଏକ(କୁଲୁ ଭାଇ), ମନିସ ତୁଳିଶିଆନ, ମିଳନ ସିଂହ, ପ୍ରତାପ ମିଶ୍ର, ଶୁଶାନ୍ତ ସାହୁ, ସତ୍ୟବ୍ରତ ଦେବତା, ସଞ୍ଜୟ ରାଉତ, ପିକୁନ ନାୟକ, ଦିପ୍ତେଷଗୁଡୁ ମହାନ୍ତି, ଗୌତମ ନାଏକ ଓ ସ୍ଥାନୀୟ ଅଞ୍ଚଳର କିଛି ସରପଞ୍ଚ ମଧ୍ୟ ଉପସ୍ଥିତ ଥିଲେ । ଅନୁଗୋଳ ଜିଲ୍ଲା ରାଷ୍ଟ୍ରୀୟ ବଜରଙ୍ଗ ଦଳର ନୂତନ ସଂପାଦକ ଅମ୍ଳାନ ନାଏକ ଓ ନୂତନ କୋଷାଧକ୍ଷ ହାଡିବନ୍ଧୁ ସାହୁଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା । କିଶୋର ନଗର ଓ ବଆଁରପାଳର ନୂତନ ପ୍ରଖଣ୍ଡ ଗଠନ ଓ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ଏଥିରେ ନିଜ ଜୀବନକୁ ବାଜି ଲଗାଇ ଏହି ସାମାଜିକ କାର୍ଯ୍ୟରେ ଉତ୍ସର୍ଗ କରୁଥିବା ସଦସ୍ୟ ମାନଙ୍କୁ ଏବଂ କିଛି ଗଣମାଧ୍ୟମ ବନ୍ଧୁ ମାନଙ୍କୁ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

# ନୂଆପଡା ଜିଲ୍ଲାପାଳଙ୍କ ବୋଡ଼େନ ମଣ୍ଡି ପରିଦର୍ଶନ ଓ ଚାଷୀଙ୍କ ସହ ଆଲୋଚନା



ନୂଆପଡା : ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ବୋଡ଼େନ ମଣ୍ଡି ପରିଦର୍ଶନ କରିବା ସହ ଏଠାରେ ଧାନ କ୍ରୟ ଉପରେ ସିଧା ସଳଖ ଚାଷୀଙ୍କ ସହ ଅନେକ ସମସ୍ୟା ଉପରେ ଆଲୋଚନା କରିଛନ୍ତି । ଚଳିତ ବର୍ଷ ବୋଡ଼େନ ମଣ୍ଡି ରୁ ୮୦ ହଜାର କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି । ତେବେ ଗତ କାଲି ପର୍ଯ୍ୟନ୍ତ ୫୫ ହଜାର ୪୨୨ କ୍ୱିଣ୍ଟାଲ କିଣା ସରିଛି । ବୋଡ଼େନ ପେକ୍ସ ଅଧୀନରେ ୧୪୨୩ ଜଣ ଚାଷୀ ପଞ୍ଜୀକୃତ ହୋଇଥିବାବେଳେ ୧୧୯୫ ଜଣ ଚାଷୀଙ୍କ ଧାନ ବିକ୍ରି ହୋଇ ସାରିଛି ଓ ତାଙ୍କ ଏକାଉଣ୍ଟ୍ କୁ ଟଙ୍କା ଯାଇସାରିଛି । ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାସ ବୋଡ଼େନ ମଣ୍ଡି ମଣ୍ଡି ପରିଦର୍ଶନ ରେ ଆସି ଧାନର ମାନ ନିର୍ଣ୍ଣୟ କରିବା ବିଭିନ୍ନ ଯନ୍ତ୍ରକୁ ଗୋଟି ଗୋଟି କରି ତନଖି ଥିଲେ ଓ ଚାଷୀଙ୍କ ଧାନ କ୍ରୟ ଉପରେ କୌଣସି ଭୁଲ ନ ହୁଏ ସେନେଇ ପେକ୍ସ ଓ ଆର ଏମ ସି କର୍ମଚାରୀଙ୍କୁ ଜିଲ୍ଲାପାଳ ତାଗିଦ୍ କରିଥିଲେ । ପୁଣି ଜିଲ୍ଲାପାଳ ଧାନ ଉଠାଣ ସମସ୍ୟା ଉପରେ ଚାଷୀଙ୍କ ସହ ଆଲୋଚନା କରି ଫୋଟୋ ଉତ୍ତୋଳନ କରିଥିଲେ । ଉପସ୍ଥିତ ସମସ୍ତ ଚାଷୀ ବୋଡ଼େନ ମଣ୍ଡି ରେ ସବୁ ଠିକ୍ ଠାକ୍ ଚାଲିଥିବା ଜିଲ୍ଲାପାଳଙ୍କୁ ଜଣାଇଥିଲେ । ପରେ ଚାଷୀଙ୍କ ବୋଡ଼େନ ମଣ୍ଡି ଠାରୁ ବିରେଶକେଲା ଫୋର ୱେ ରାସ୍ତା ସମସ୍ୟା ଅଭିଯୋଗ କୁ ଭିତ୍ତିକରି ମଣ୍ଡି ଠାରୁ ଚାଷୀଙ୍କ ସହ ଚାଲି ଚାଲି ରାସ୍ତାର ସମସ୍ୟା ପରଖିବାକୁ ଯାଇଥିଲେ ଓ ରାସ୍ତା ସମସ୍ୟା ଦେଖି ଯଥା ଶୀଘ୍ର ଏହାର ସମାଧାନ କରାଯିବ ବୋଲି ଚାଷୀ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

# ଶ୍ରୀ ରାମଙ୍କ ଭବ୍ୟ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଦିବସର ସ୍ୱନକ୍ଷତ୍ର ବାର୍ଷିକ ଉତ୍ସବ



କେନ୍ଦୁଝର : ଆଜି କେନ୍ଦୁଝର ମାଇନିଙ୍ଗ ରୋଡ ସ୍ଥିତ ଶ୍ରୀ ରାମ ମନ୍ଦିର ଠାରେ ଅଯୋଧାରେ ପ୍ରତିଷ୍ଠା ହୋଇ ଥିବା ଶ୍ରୀ ରାମଙ୍କ ଭବ୍ୟ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଦିବସ ର ସ୍ୱନକ୍ଷତ୍ର ବାର୍ଷିକ ଉତ୍ସବ ଏବଂ ପ୍ରାଣ ପ୍ରତିଷ୍ଠା ମହୋତ୍ସବ (ପ୍ରଥମ ବର୍ଷ)ଅବସରରେ ମାଇନିଙ୍ଗ ରୋଡ ସ୍ଥିତ ଶ୍ରୀ ରାମ ମନ୍ଦିର ର କର୍ମ କର୍ତ୍ତା ଓ ବୈଦିକ ବ୍ରାହ୍ମଣ ପରିଷଦ ପୁରୀ,କେନ୍ଦୁଝର ଶାଖା ତରଫରୁ ମହା ଆଡମ୍ବର ରେ ମହା ଆହୁତି ଯଜ୍ଞ, ଓ ଭକ୍ତ ଙ୍କ ପାଇଁ ପ୍ରସାଦ ସେବନ ର ବ୍ୟବସ୍ଥା କରା ଯାଇଥିଲା ।ସକାଳ ୮ ଘଟିକା ସମୟ ରେ ଗୁରୁ ପୂଜା, ଗୋ ପୂଜା ଓ ସୂର୍ଯ୍ୟ ପୂଜା ସହ ଯଜ୍ଞ କର୍ମ ଆରମ୍ଭ ହୋଇ ଥିଲା। ସେଥିରେ କେନ୍ଦୁଝର ର ରାଧାନାଥ ମିଶ୍ର ସପତ୍ନୀ ଙ୍କ ସହ ଯଜ୍ଞ କର୍ମ ର କର୍ତ୍ତା ଭାବରେ କାର୍ଯ୍ୟ ତୁଲାଇ ଥିଲେ। ତା ସହ ଶ୍ରୀ ରାମ ସେବକ ଶ୍ରୀ ଦେବଦତ୍ତ ସାହୁ ଓ ସମସ୍ତ ରାମ ସେବକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଦାୟିତ୍ୱ ନେଇ କାର୍ଯ୍ୟ ସମ୍ପାଦନ କରିଥିଲେ। ବୈଦିକ ବ୍ରାହ୍ମଣ ପରିଷଦ ପକ୍ଷରୁ ଶ୍ରୀ ଯୁକ୍ତ ନରେଶ କୁମାର ମିଶ୍ର, ପଣ୍ଡିତ ଶ୍ରୀ ଗୁରୁ ପ୍ରସାଦ ପଣ୍ଡା, ପଣ୍ଡିତ ଅଲେଖ ଚନ୍ଦ୍ର ତ୍ରିପାଠୀ,ସଞ୍ଜୟ ତ୍ରିପାଠୀ,ସୁବ୍ରତ ତ୍ରିପାଠୀ,ଦେବଦତ୍ତ ଷଡ଼ଙ୍ଗୀ,ଶାନ୍ତନୁ କୁମାର ଆଚାର୍ଯ୍ୟ, ପରମାନନ୍ଦ ପଣ୍ଡା,ଅମରେନ୍ଦ୍ର ପଣ୍ଡା ଓ କୃଷ୍ଣ ଶଙ୍କର ପଣ୍ଡା ଓ ଅନ୍ୟ ସହଯୋଗୀ ମାନଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସମ୍ପାଦନ କର ଯାଇଥିଲା।

# ୧୫ତମ ମାଁ ବାଗମୁଣ୍ଡେନ କପ କ୍ରିକେଟ ଉଦ୍‌ଘାଟିତ



ନୂଆପଡ଼ା, : ନୁଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ବାଗମୁଣ୍ଡା ଖେଳ ପଡିଆ ଠାରେ ୧୫ ତମ ମାଁ ବାଗମୁଣ୍ଡେନ କପ କ୍ରିକେଟ ଟୁର୍ନାମେଣ୍ଟ ଏମବିଏମ କ୍ରିକେଟ କ୍ଲବର ସଭାପତି ଲିଙ୍ଗରାଜ ମଟାରୀ ଙ୍କ ଦ୍ୱାରା ଉତଘାଟିତ ହୋଇଯାଇଛି କ୍ଷ ଆଜି ଉତଘାଟନୀ ମ୍ୟାଚ ରେ ଆୟୋଜକ ଦଳ ବାଗମୁଣ୍ଡା ଏବଂ ବାଞ୍ଜିବାହାଲ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା କ୍ଷ ଟୁର୍ନାମେଣ୍ଟ ର ପ୍ରଥମ ବିଜେତା ବାଞ୍ଜିବାହାଲ ଦଳ ବିଜୟୀ ହୋଇଥିବା ବେଳେ ପ୍ରଥମ ଦିନରେ ତିନୋଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା ପ୍ରଥମ ଦଳ ଭାବେ ବାଞ୍ଜିବାହାଲ ଦଳ ସେମିଫାଇନାଲ କୁ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଏହି ଟୁର୍ନାମେଣ୍ଟ ରେ ଆଖ ପାଖର ୧୬ ଟି କ୍ରିକେଟ ଦଳ ଅଂଶଗ୍ରହଣ କରୁଛନ୍ତି କ୍ଷ ୧୦ ତାରିଖ ରୁ ଆରମ୍ଭ ହୋଇ ୧୫ ତାରିଖ ରେ ଉତଯାପିତ ହେବ କ୍ଷ ଆଜିର ମ୍ୟାଚ କୁ ଖେଳ ପରିଚାଳନା କରିଥିଲେ ନେପାଳ ବାଗ ଓ ଉଲ୍ଲାସ ମଟାରୀ ଓ ସ୍କୋର ଦାୟିତ୍ୱ ତୁଲାଇଥିଲେ ମୁକେଶ ସାହୁ, ଧାରାବିବରଣୀ କରିଥିଲେ ବିନୋଦ ସାହୁ, ଏହି କ୍ରିକେଟ ପ୍ରତିଯୋଗିତା ରେ ଏମବିଏମ ସଦସ୍ୟ ଦିଲ୍ଲୀପ, ସରୋଜ, କୁନାଲ, ମାଧବ, ସଚିନ, ଉମାଶଙ୍କର, ଚୁମନ, ପ୍ରଦୀପ, ରିକେଶ, ସନ୍ଦୀପ, ରୋହିତ ପ୍ରମୁଖ ସଦସ୍ୟ ଟୁର୍ନାମେଣ୍ଟ ରେ ସମସ୍ତ ପ୍ରକାର ସହଯୋଗ କରୁଛନ୍ତି ।

# ଏମସିଏଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ତାଳଚେର : ଆଜି ତାଳଚେର ଧରମପୁର ପଞ୍ଚାୟତର ବିହରିପୁର ଗ୍ରାମରେ ଲିଙ୍ଗରାଜ ଗମକ୍ଷ ସିଏସଆର ପାଣ୍ଠି ରୁ ସ୍ଥାନୀୟ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି। ସକାଳ ୯ ଘଟିକା ରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଏହି ସ୍ୱାସ୍ଥ୍ୟ ସେବା ଅନୁଷ୍ଠିତ ହୋଇଥିଲା। ତେବେ ଏମସିଏଲ ର ଦୁଇ ଜଣ ଡାକ୍ତର ଆଲମ୍ ଓ ଡାକ୍ତର ଯୁଗନାଥ କୌସିକ୍ ଲୋକ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ମେଡିସିନ ପ୍ରଦାନ କରୁଛନ୍ତି। ତାଳଚେର ଅଞ୍ଚଳ ଏମସିଏଲ ଦ୍ୱାରା ପ୍ରଭାବିତ ହେଉ ଥିବାରୁ ଏମସିଏଲ ର ତତ୍ତ୍ୱାବଧାନରେ ଲୋକ ମାନଙ୍କର ଟିବି ଟେଷ୍ଟ ମଧ୍ୟ କରାଯାଇଅଛି, ଯଦି କିଛି ସିମଟମ୍ ପରୀକ୍ଷା ରେ ବାହାରେ ତେବେ ସେମାନଂକୁ ଡ଼ାକି ମାଗଣା




ରେ ମେଡିସିନ ଦିଆଯିବ ବୋଲି ଡାକ୍ତର ଙ୍କ ପକ୍ଷରୁ ସୂଚନା ମିଳିଛି ।ଧରମପୁର ପଞ୍ଚାୟତ ସହିତ କଙ୍କିଳୀ ପଞ୍ଚାୟତ ର ୨୬୫ ରୁ ଉର୍ଦ୍ଧ୍ୱ ଲୋକମାନଙ୍କ ଆଜି ଏହି ସ୍ୱାସ୍ଥ୍ୟ ଶିବିର ରେ ସ୍ୱାସ୍ଥ୍ୟ ପରୀକ୍ଷା କରଯାଇଥିବା ଡାକ୍ତର ଓ ଧରମପୁର ର ସରପଂଚ ପାଟରାଣୀ ଭୂତିଆ ସୂଚନା ଦେଇଛନ୍ତି ।ତେବେ ଆଜିର ଏହି ସ୍ୱାସ୍ଥ୍ୟ ଶିବିର କିପରି ଭାବେ ଭଲ ହେବ ଏବଂ ଲୋକାମନେ ସ୍ୱାସ୍ଥ୍ୟ ସେବା ପାଇବେ ସେଥି ନିମନ୍ତେ ସରପଞ୍ଚ ପାଟରାଣୀ ଭୂତିଆ ଓ ସମିତିସଭ୍ୟ ତାରିଣୀ ମହାନ୍ତି ନିଜେ ଉପସ୍ଥିତ ରହି ସହଯୋଗ କରିଥିଲେ, ମେଡିକାଲ ଟିମ୍ ଲୋକ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେଇଥିଲେ।

# ବାଲେଶ୍ୱରରେ ଲାଗିଲା କର୍ଫ୍ୟୁ



ବାଲେଶ୍ୱର : ବାଲେଶ୍ୱର ସହର ବସ୍ତି ଉଚ୍ଛେଦ ପାଇଁ କାଲିପଯାଏଁପଲାଗିଲାପକର୍ଫ୍ୟୁ ।ରେଳ ବିଭାଗର ତୃତୀୟ ଲାଇନ କାମରେ ବାଧକ ସାଜିଛନ୍ତି ଜବରଦଖଲକାରୀ । ଜବରଦଖଲକାରୀଙ୍କୁ ଉଠାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଛି ଦୃଢ଼ ପଦକ୍ଷେପ । ଆଜି ଭୋର ୪ଟା ରୁ ରାତ୍ରି ୧୦ ପର୍ଯ୍ୟନ୍ତ ଓ ଆସନ୍ତା କାଲି ମଧ ଭୋର ୪ଟା ରୁ ରାତ୍ରି ୧୦ ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରୀ ରହିବ ।ଏ ନେଇ କାଲି ରାତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ଲୋକ ମାନଙ୍କୁ ଜଣେଇ ଦିଆଯାଇଛି। ବସ୍ତି ଉଚ୍ଛେଦ ପାଇଁ କର୍ଫ୍ୟୁ ଜାରି କଲା ଜିଲ୍ଲା ପ୍ରଶାସନ। ଅରଡ଼ ବଜାର ଠାରୁ ପରିବା ମାର୍କେଟ ଅଞ୍ଚଳରେ କର୍ଫ୍ୟୁ ରେଳ ଲାଇନ୍ ସଂପ୍ରସାରଣ ପାଇଁ ବସ୍ତି ଉଚ୍ଛେଦ କରିବ ପ୍ରଶାସନ ହରିପୁରରୁ ଦର୍ଜିପୋଖରୀ, କସମିଳା ଠାରୁ ଫୁଲାଡି ଯାଏଁ କର୍ଫ୍ୟୁ। ନୂଆବଜାର ରୁ ରେଳ ଫାଟକ, ନୂଆବଜର ର ପରିବା ମାର୍କେଟରେ କର୍ଫ୍ୟୁ । ଏକାଧିକ ବ୍ୟକ୍ତିଙ୍କ ଏକତ୍ରିତ ହେବା, ସଭା, ରାଲି ଉପରେ ପ୍ରଶାସନ ତରଫରୁ କଟକଣା ଲାଗୁ କରାଯାଇଛି । ଆଜି ସକାଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଯାଇଛି ଓ ଲୋକ ମାନଙ୍କର ଆସବା ପତ୍ର ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ କୁହାଯାଇଛି। ଜିଲ୍ଲା ପ୍ରଶାସନ ପୋଲିସ ଉପସ୍ଥିତିରେ ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଯାଇଛି ଲୋକ ମାନେ ମଧ୍ୟ ନିଜର ଆସବା ପତ୍ର ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରୁଛନ୍ତି ।

# ପୂର୍ବ ଭାରତୀୟ ବିଜ୍ଞାନ ପ୍ରଦର୍ଶନୀରେ ବିଜେବି ଉଚ୍ଚ ବିଦ୍ୟାଳୟର ଛାତ୍ର ପୁରସ୍କୃତ



ଖୋର୍ଦ୍ଧା: କଲିକତାର ବିର୍ଲା ଇଣ୍ଡଷ୍ଟ୍ରିଆଲ ଆଣ୍ଡ ଟେକନିକାଲ ମ୍ୟୁଜିୟମ ଠାରେ ପୂର୍ବ ଭାରତୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଦର୍ଶନୀରେ ବିହାର, ଓଡିଶା ଓ ପଶ୍ଚିମବଙ୍ଗର କୁନି ବୈଜ୍ଞାନିକମାନେ ସେମାନଙ୍କର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ଏହି ବିଜ୍ଞାନ ମେଳାରେ ବିଜେବି ଉଚ୍ଚ ବିଦ୍ୟାଳୟର ଛାତ୍ର ସଂଗ୍ରାମ ପୁହାଣ ଅଂଶ ଗ୍ରହଣ କରିଥିଲେ । ସେ ସମ୍ବଳ ପରିଚାଳନା ଶୀର୍ଷକ ଉପରେ ତାଙ୍କର ପ୍ରକଳ୍ପ ଉପସ୍ଥାପିତ କରିଥିଲେ । ଏହି ପ୍ରକଳ୍ପଟି ବିଚାରକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ସମାପନ ସମାରୋହ ହରେ ମୁଖ୍ୟ ଅତିଥି ? ତଥା ବିଆଇଟିଏମର ନିର୍ଦ୍ଦେଶକ କୃତି ଛାତ୍ର ସଂଗ୍ରାମ ପୁହାଣକୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ବିଜେବି ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଭୁପ୍ରସାଦ ସେନାପତି ପତି ଏହି ପ୍ରକଳ୍ପ ପ୍ରସ୍ତୁତିରେ ଗାଇଡ ଶିକ୍ଷକ ରୂପେ ସଂଗ୍ରାମକୁ ଦିଗଦର୍ଶନ କରିଥିଲେ । ଏହି ସଫଳତା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଜିଲ୍ଲା ବିଜ୍ଞାନ ପରିଦର୍ଶକ ର୍ଶକ ଶୁଭେଚ୍ଛା ଜଣାଇଛନ୍ତି ।

# ହତ୍ୟାର ପର୍ଦ୍ଦାଫାସ ପ୍ରେସ ମିଟ

ରାୟଗଡା : ରାୟଗଡା ଜ଼ିଲ୍ଲା ମୁନିଗୁଡା ପୋଲିସ ଷ୍ଟେସନ ରେ ଏକ ହତ୍ୟା ଘଟଣା ରେ ଷ୍ଟୟକ୍ଟକ୍ଟ ଶ୍ରମତୀ ସନ୍ତୋଷିନୀ ଓରାମ ଏକ ପ୍ରେସ ମିଟ ରେ ଗତ ଦୁଇଦିନ ତଳର ହତ୍ୟା ଘଟଣା ରେ ମୁଖ୍ୟ ଆସାମୀ ସହ ତାର ସହଯୋଗୀ ଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି ! ସୂତ୍ରରୁ ପ୍ରକାଶ ଯେ ଗତ ୨୪ ମସିହାରେ ଭାତୃ ବିବାଦ ରେ ସମ୍ପର୍କୀୟ ଭାଇ କୁ ହତ୍ୟା କରାଯାଇ ହତ୍ୟା ଘଟଣା ରେ ଦୁଇ ଜଣଙ୍କୁ ଜେଲ ଭୋଗୁଥିବା ବେଳେ ଗତ ୦୮.୧.୨୫ ରେ ତାଙ୍କ



ପରିବାର ର ଅନ୍ୟଜଣେ ଭାଇ କୁ ଏକାକୀ ଅବସ୍ଥା ରେ ପାଇ ଲଗାଡ଼ି ଶିକକା କୁ ଏକ ଟାଙ୍ଗିଆ ଚୋଟ ରେ ନିର୍ମମ ହତ୍ୟା କରଯାଇଛି ଏବଂ ଘଟଣା ସ୍ଥଳ ରୁ ହତ୍ୟାକାରୀ କୁ ଗିରଫ କରାଯାଇଛି ! ତେବେ ମୁନିଗୁଡା ଥାନା ର ମୁନିଖୋଲ ପଞ୍ଚାୟତ ର କୁରେଲପେଟା ଗ୍ରାମ ନିକଟସ୍ଥ ଡେଙ୍ଗୁଲିପେଟା ଜଙ୍ଗଲ ରେ ହତ୍ୟା କାଣ୍ଡ ଭିଆଇଥିବା ସୂଚନା ମିଳିଛି ।

# ଭାଇର ହତ୍ୟାର ପ୍ରତିଶୋଦ୍ଧ ନେବାକୁ ଯାଇ ନିଜେ ହତ୍ୟାର ଶିକାର ହେଲେ ଡଙ୍ଗରିଆ ଯୁବକ



ମୁନିଗୁଡା : ଭାଇର ହତ୍ୟାର ପ୍ରତିଶୋଦ୍ଧ ନେବାକୁ ଯାଇ ନିଜେ ହତ୍ୟାର ଶିକାର ହେଲେ ଡଙ୍ଗରିଆ ଜୁବକ ଡ୍ରୁକୁ ଶିକକା । ଏଭଳି ଏକ ହତ୍ୟାକାଣ୍ଡ ଘଟିଛି ରାୟଗଡ଼ା ଜିଲ୍ଲା ମୁନିଗୁଡା ଥାନା ଅନ୍ତର୍ଗତ ନିୟମଗିରିରେ ଥିବା କୁରେଲପେଟା ଗାଁ ରେ । ଗତ ୨୦୨୧ ମସିହାରେ ମୃତକଙ୍କ ଭାଇକୁ ନିଜ ଗାଁ ର ତିନିଜଣ ମିଶି ହତ୍ୟା କରିଥିବା ବେଳେ ହତ୍ୟାକାଣ୍ଡର ପ୍ରତିଶୋଧ ନେବାକୁ ଯୋଜନା କରିଥିଲା ମୃତକ ଡ୍ରୁକୁ ଶିକକା । ଗତ ବୁଧବାର ଦିନ ବୁଟୁକୁ ସିକକା ଓ ଲଖନ ସିକକାଙ୍କୁ ଗାଁ ନିକଟ ଜଙ୍ଗଲରେ ଦେଖିବା ପରେ ମୃତକ ଉକ୍ଷିପ୍ତ ହୋଇ ଟାଙ୍ଗିଆ ରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା ।




## ଦୃଷ୍ଟିଆକର୍ଷଣ କଲେ ପରିବେଶବିତ୍, ପୂତିଗନ୍ଧମୟ ପରିବେଶରୁ ମୁକୁଳିଲେ ଅଞ୍ଚଳବାସୀ



ଭୁବନେଶ୍ୱର (ପିଏନ୍): କୁଢ଼ କୁଢ଼ ବର୍ଜ୍ୟର ପାହାଡ଼, ପୂତିଗନ୍ଧମୟ ଓ ଅସ୍ୱାସ୍ଥ୍ୟକର ପରିବେଶରୁ ମୁକୁଳିଛି ସ୍ମାର୍ଟନଗରୀ ଭୁବନେଶ୍ୱରର ୬୧ନଂ ୱାର୍ଡ ଅନ୍ତର୍ଗତ ଭୀମେଶ୍ୱରମାର୍ଗ ଅଞ୍ଚଳ। ସୂଚନାଯୋଗ୍ୟ ଉକ୍ତ ଅଞ୍ଚଳରୁ ସଂଗୃହିତ ବର୍ଜ୍ୟବସ୍ତୁଗୁଡ଼ିକୁ ରାସ୍ତା ପାର୍ଶ୍ୱରେ ଜନବସତି ଅଞ୍ଚଳରେ ସଫେଇ କର୍ମଚାରୀମାନେ ଗଦା କରି ଆସୁଥିଲେ । ପରିସ୍ଥିତି ଓ ପରିବେଶ ଏପରି ବିଗିଡ଼ିଯାଇଥିଲା ଯେ ଲୋକେ ଦୁର୍ଗନ୍ଧରେ ଅତିଷ୍ଠ ହୋଇ ଅଣନିଶ୍ୱାସୀ ହୋଇପଡ଼ିଥିଲେ। ଅଳିଆ ଉଠାଇବା ସମ୍ପର୍କରେ ସଫେଇ କର୍ମଚାରୀଙ୍କୁ କେହି ପଚାରିଲେ ଆମେ ଏ ବିଷୟରେ କିଛି କହିପାରିବୁ ନାହିଁ କହି ଚାଲିଯାଆନ୍ତି। ଧୀରେ ଧୀରେ ଏହି ଆବର୍ଜନାର ପାହାଡ଼ ରାସ୍ତା ଉପରକୁ ମାଡ଼ିଯାଇଥିଲା। ଆତଯାତ କରୁଥିବା ଲୋକେ ନାକରେ ରୁମାଲ୍ ଦେଇ ବହୁ କଷ୍ଟରେ ରାସ୍ତା ଅତିକ୍ରମ କରୁଥିଲେ। ଏଭଳି ପରିମଳ ଅବସ୍ଥା ଦେଖି ପରିବେଶବିତ୍ ସୁଶାନ୍ତ ସାହୁ ଏ ସମ୍ପର୍କରେ ଭୁବନେଶ୍ୱର ମହାନଗର ନିଗମର କମିଶନର ବିଜୟ ଅମୃତ କୁଲାଙ୍ଗେଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସମସ୍ୟାର ଶୀଘ୍ର ସମାଧାନ ପାଇଁ ନିବେଦନ କରିଥିଲେ। କମିଶନର ସମସ୍ୟାଟିକୁ ତୁରନ୍ତ ବିଚାରକୁ ନେଇ କିଛି ସମୟ ମଧ୍ୟରେ ଅଞ୍ଚଳଟିକୁ ଆବର୍ଜନାରୁ ମୁକ୍ତ କରିଦେଇଥିଲେ। ଏ ନେଇ ଅଞ୍ଚଳବାସୀ ଖୁସି ପ୍ରକଟ କରିବା ସହ କମିଶନରଙ୍କ ତ୍ୱରିତ ପଦକ୍ଷେପକୁ ଜନସାଧାରଣ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଛନ୍ତି।

## ଝୁମ୍ପୁରା ବିଡିଓଙ୍କ ନେତୃତ୍ୱରେ ଅର୍ଶଳା ଖେଳପଡିଆରେ ଚାରିଶହ ବୃକ୍ଷରୋପଣ

ଝୁମ୍ପୁରା (ପିଏନ୍)- ବୃକ୍ଷଲତା ମାନବ ସମାଜର ପରମ ମିତ୍ର । ଏହାକୁ ଆଖି ଆଗରେ ରଖି ଝୁମ୍ପୁରା ବ୍ଲକର ପ୍ରତି ପଚଂାୟତରେ ଥିବା ଖେଳପଡିଆ ଚର୍ତୁପାର୍ଶ୍ୱରେ ବୃକ୍ଷରୋପଣ କରି ସବୁଜବଳୟ ସୃଷ୍ଟି ସହ ସନ୍ଦୌର୍ଯ୍ୟକରଣ କରିବା ସ୍ଥାନୀୟ ବିଡିଓ ଉମାକାନ୍ତ ପରିଡାଙ୍କ ମୁଖ୍ୟ ଉଦ୍ଦେଶ୍ୟ । ତେବେ ଏହାକୁ ପାଥେୟ କରି ଝୁମ୍ପୁରା ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ବିଡିଓ ଶ୍ରୀ ପରିଡାଙ୍କ ନେତୃତ୍ୱରେ ଅର୍ଶଳା ପଚଂାୟତର ଅର୍ଶଳା ଗ୍ରାମ ଖେଳପଡିଆ (ଷ୍ଟାଡିୟମ)ରେ ପ୍ରଥମ ଦିନରେ ଚାରିଶହ ବୃକ୍ଷରୋପଣ କରାଯାଇଛି । ସୂଚନାଯୋଗ୍ୟ ଅର୍ଶଳା ପଚଂାୟତକୁ ପରିଦର୍ଶନରେ ଯାଇଥିବା ବେଳେ ଖେଳପଡିଆ ବିଡିଓ ଶ୍ରୀ ପରିଡାଙ୍କ ନଜରକୁ ଆସିଥିଲା । ଖେଳପଡିଆ ଭିତରକୁ ଯାଇ ସେ ବୁଲାବୁଲି କରି ଚାରିପାଖରେ ବୃକ୍ଷରୋପଣ କରିବା ନିମନ୍ତେ ମନସ୍ଥ କରିଥିଲେ। ଏହାପରେ ପଂଚାୟତ ପ୍ରତିନିଧି, ପିଇଓ, ଜିଆରଏସ୍, କନିଷ୍ଠ ଯନ୍ତ୍ରୀଙ୍କ ସହ ବନୀକରଣର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରି ବୃକ୍ଷରୋପଣର ତାରିଖ ଏବଂ ଦିନ ଧାର୍ଯ୍ୟ କରାଯାଇଥିଲା। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଡିଓ ଉମାକାନ୍ତ ପରିଡା, ଏପିଇଓ ପୂର୍ଣ୍ଣଚନ୍ଦ୍ର ନାଏକ, ୧୭ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ସୋମବାରୀ ମୁର୍ମୁ, ସମିତି ସଭ୍ୟା ଲିଲିମଣି ମାଝୀ, ପୂର୍ବତନ ସରପଂଚ ପ୍ରଶନ୍ନ ନାଏକ, ଜିଆରଏସ୍ କେଦାରନାଥ ମହାନ୍ତ, ମେଟ୍ ତଫାନ ନାଏକ, ସ୍ଥାନୀୟ ବୁଦ୍ଧିଜୀବୀ ଲୋକନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ପ୍ରତୀକ ଭିଜନ ଥିଏଟର ପକ୍ଷରୁ ଯାଜପୁରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଯାଜପୁର (ପିଏନ୍): କଳାକାର ମାନଙ୍କୁ ସଂଗଠିତ କରି ଏକ ନୂତନ ଦିଗଦର୍ଶନରେ ନୈତିକ ବୋଧକ ବାର୍ତ୍ତା ବହନ କରୁଥିବା ରାଜ୍ୟର ଏକ ପ୍ରମୁଖ ଥିଏଟର ଅନୁଷ୍ଠାନ ପ୍ରତୀକ ଭିଜନ ପକ୍ଷରୁ ସ୍ଥାନୀୟ ଯାଜପୁରର ଖଣ୍ଡରା ଛକ ନିକଟରେ ଥିବା ଶିଶୁକଲ୍ୟାଣ ସ୍ୱାଧୀକାର ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ ବୈଠକରେ ବରିଷ୍ଠ ନାଟ୍ୟକାର ବୈଦ୍ୟନାଥ ପଣ୍ଡା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ହରିହର ସ୍ୱାଇଁ, ମୁଖ୍ୟବକ୍ତାଭାବେ ବରିଷ୍ଠ ସାମ୍ବାଦିକ ତପନ ମହାରଣ୍ୟଶର୍ମା, ସମ୍ମାନିତ ଅତିଥି ଭାବେ ଯୁବକବି ଜିତେନ୍ଦ୍ର ବେହେରା, ସାମ୍ବାଦିକ ସୁରେଶ କର ପ୍ରମୁଖ ଯୋଗ ଦେଇ ଏହି ଅନୁଷ୍ଠାନକୁ ଏକ ଅଗ୍ରଣୀ ଅନୁଷ୍ଠାନରୂପେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ।

ଜଣାଶୁଣା ଥିଏଟର ନିର୍ଦ୍ଦେଶକ ପ୍ରସନ୍ନ କୁମାର ବିଶ୍ୱାଳ, ଇଚ୍ଛାମୟୀ ଧଳ ଅନୁଷ୍ଠାନର ଅଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ବୈଠକରେ ସର୍ବସମ୍ମତିକ୍ରମେ କାର୍ଯ୍ୟକର୍ତ୍ତା ଚୟନ କରାଯାଇ ଆଗାମୀ ଦିବସର କାର୍ଯ୍ୟପନ୍ଥା ପାଇଁ ଏକ ଖସଡ଼ା ପ୍ରସ୍ତୁତି କରାଯାଇଥିଲା। ସୂଚନା ଅନୁଯାୟୀ ଏହି ବୈଠକରେ ସାମ୍ବାଦିକ ଟୁଟୁ ଭାଇଙ୍କ ସମେତ କଳାକାର ନୀଳାଦ୍ରି ସାହୁ, ଧନଞ୍ଜୟ ମିଶ୍ର, ଜିତେନ୍ଦ୍ର ସାହୁ, ପ୍ରଭାତ ଦାସ, ଅଙ୍କିତ କର, ସସ୍ମିତା ରାଉତ, ଅନିତା ସାହୁ, ଲିପିକା ସ୍ୱାଇଁ, ଯୋଗ ଦେଇ ନିଜର ମତବ୍ୟକ୍ତ କରିଥିଲେ।

## ଯାନବାହନ ଚଳାଚଳ ନେଇ ଟ୍ରାଫିକ୍ କଟକଣା ଲାଗୁ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ସହରର କେତୋଟି ନିର୍ଦ୍ଦିଷ୍ଟ ରାସ୍ତାରେ ଭାରୀଯାନ ଚଳାଚଳ ନେଇ ଜିଲ୍ଲା ପ୍ରଶାସନ ତରଫରୁ କଟକଣା ଲାଗୁ କରାଯାଇଥିଲା । ଦୁର୍ଘଟଣା, ଜୀବନହାନି ଏବଂ ଟ୍ରାଫିକ୍ ଜାମ୍ ହ୍ରାସ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଆଇ.ଟି.ଆଇ. ଛକରୁ ଭାୟା ବାଲେଶ୍ୱର ବସ୍‌ଷ୍ଟାଣ୍ଡ, ଏଫ.ଏମ୍. ଗୋଲେଇ ଦେଇ ସୁରଜ ହୋଟେଲ ଛକ, ପୋଲିସ ଲାଇନ ଛକରୁ ଭାୟା ଏଫ.ଏମ୍. କଲେଜ ଦେଇ ହେମକାପଦା ଛକ, ଫକୀରମୋହନ ଗୋଲେଇରୁ ଭାୟା ଫାଣ୍ଡି ଛକ, ଚିଡିଆପୋଲ, ସଦର ମହକୁମା ଡାକ୍ତରଖାନା, ସିନେମା ଛକ ଏବଂ ମୋତିଗଞ୍ଜ ବଜାର ଦେଇ ଟାଉନ ଥାନା, ଷ୍ଟେସନ ଛକରୁ ଭାୟା ଏଡିଏମ ଛକ, ଜିଲ୍ଲା ସ୍କୁଲ ଦେଇ ପାଣି ଟାଙ୍କି ଛକ, ମିର୍ଜାପୋଖରୀ ଛକରୁ ଭାୟା ମାଣିଖମ୍ବ ଏବଂ ବାରବାଟୀ ଦେଇ ବୁଢା କାର୍ତିକ ଛକ, ମିର୍ଜାପୋଖରୀରୁ ଭାୟା ଟାଉନହଲ ଏବଂ ସିନେମା ଛକ ଦେଇ ବେବିଲୋନ ଛକ, ଟେକନିକାଲ ସ୍କୁଲ ଛକରୁ ଭାୟା ଏଡିଏମ ଛକ, ରାଜାବଗିଚା ଦେଇ ନାରୀସଂଘ, ଷ୍ଟେସନ ଛକରୁ ଭାୟା ନାରୀସଂଘ ଦେଇ ପଢୁଆଁପଦା ଛକ ପର୍ଯ୍ୟନ୍ତ ରାସ୍ତାଗୁଡିକରେ ସକାଳ ୮ଘଟିକା ୩୦ମିନିଟ୍‌ରୁ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଥିଲା ।

ହରିପୁର ପାର୍ଶ୍ୱରୁ ଆସୁଥିବା କେବଳ ଟ୍ରାକ୍ଟର, ମିନିଟ୍ରକ୍‌ଗୁଡିକୁ ଆନନ୍ଦ ବଜାର, ମାଲଗୋଦାମ, ଭାସ୍କରଗଞ୍ଜ ଛକ, ତେଲେଙ୍ଗା ସାହି ଛକ, ପୋଲିସ ଲାଇନ ଛକ ଦେଇ ଆଇ.ଟି.ଆଇ.ଛକ ଆଡକୁ ଯିବା ଓ ସେହି ସମାନ ରାସ୍ତା ଦେଇ ଫେରିବାକୁ ଅନୁମତି ଦିଆଯିବ । ସେହିପରି ଚାନ୍ଦିପୁର ଅଂଚଳରେ ସମୁଦ୍ର ବେଳାଭୂମିରେ ଗାଡି ଚାଳନା ଯୋଗୁଁ ଘଟୁଥିବା ଅଘଟଣକୁ କମାଇବା ପାଇଁ ସୋନପୁର ଛକରୁ ଆରମ୍ଭ କରି ଚାନ୍ଦିପୁର ପାନ୍ଥନିବାସ ପର୍ଯ୍ୟନ୍ତ ଯାନ ଚାଳନା ପାଇଁ ଉଦ୍ଦିଷ୍ଟ ନ ଥିବା ଅଂଚଳରେ ସମସ୍ତ ପ୍ରକାର ଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଥିଲା। ଅନୁରୂପ ଭାବେ ଯାନବାହାନ ଚଳାଚଳ ପାଇଁ ଉଦ୍ଦିଷ୍ଟ ନ ଥିବା ତାଳସାରୀ ବେଳାଭୂମି ଅଂଚଳରେ ମଧ୍ୟ ସମସ୍ତପ୍ରକାର ଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଦ୍ୱାରା ଅନୁମୋଦିତ ଆଦେଶନାମା ଅନୁଯାୟୀ ତା୩.୮.୨୦୨୨ରିଖରୁ ତା୧.୯.୨୦୨୨ରିଖ ପର୍ଯ୍ୟନ୍ତ ୩୦ଦିନ ପାଇଁ ଏହି ସମସ୍ତ କଟକଣା ବଳବତର ରହିଥିଲା।

## ବିଷ ବଳୟରେ ୯୦% ଭାରତୀୟ

### —ଅଧିକ ସଂକ୍ରମିତ ହେବେ ଶିଶୁ—



ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି। କୁହାଯାଏ ଆମ ସମୟରେ ପିଲାମାନେ ହେଉଛନ୍ତି ଅମୃତର ସନ୍ତାନ ଓ ଭଗବାନଙ୍କ ଦିବ୍ୟ ପ୍ରତୀକ। ଆସନ୍ତୁ ଗୋଟିଏ ଛୋଟିଆ କଥା ଚିନ୍ତା କରିବା। ପୃଥିବୀକୁ ଘେରି ରହିଥିବା ନୀଳ ଆକାଶ ଆଗଭଳି ଆଉ ନିର୍ମଳ ନାହିଁ। ବିଷାକ୍ତ ବାୟୁରେ ଏହା ଭରପୁର। ଶ୍ୱାସକ୍ରିୟାରେ ବିଶ୍ୱବାସୀ ଅମ୍ଳଜାନ ସହିତ ପୁଳା ପୁଳା ବିଷ ଶୋଷି ଚାଲିଛନ୍ତି। ବିଶ୍ୱର ପ୍ରାୟ ୯୯% ଲୋକ ବିଷାକ୍ତ ବାୟୁରେ ଶ୍ୱାସକ୍ରିୟା କରି ନିଜ ପାଇଁ ସାଙ୍ଘାତିକ ବିପଦ ସୃଷ୍ଟି କରୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ସଦ୍ୟ ରିପୋର୍ଟରୁ ଏହି ଚିତ୍ର ମିଳିଛି। ଭାରତର ପ୍ରାୟ ୯୦% ଲୋକ ବିଷାକ୍ତ ବାୟୁ ଘେରରେ ଥିବା ରିପୋର୍ଟ କହୁଛି। ବିଶ୍ୱର ୯୯% ବା ପାଖାପାଖି ୭୯୭ କୋଟି ଲୋକ ଶ୍ୱାସକ୍ରିୟା ସମୟରେ ନାଇଟ୍ରୋଜେନ ଡାଇଅକ୍ସାଇଡ଼ ଏବଂ ଅତି ସୂକ୍ଷ୍ମ ଅନିଷ୍ଟକାରୀ କଣିକା ଶୋଷୁଛନ୍ତି। ବାୟୁରେ ଥିବା ପାର୍ଟିକୁଲେଟ ମ୍ୟାଟର ବା ପିଏମ୍ (ଅତି ସୂକ୍ଷ୍ମ କଠିନ କଣିକା ଓ ତରଳ ବୁନ୍ଦା ଯେଉଁଥିରେ ଧୂଳି, ମଇଳା, ଧୂଆଁ ଆଦି ମିଶ୍ରିତ ହୋଇଥାଏ)। ଫୁସଫୁସ ପାଇଁ ବିଷଠାରୁ କିଛି କମ ନୁହେଁ। ତାହାଠାରୁ କମ ପିଏମ୍୧୦ ଏବଂ ୨.୫ ମାଇକ୍ରୋମିଟର ବା ତାହାଠାରୁ କମ (ପିଏମ୍୨.୫)। ଡବ୍ଲ୍ୟୁଏଚଓ ମୁତାବକ ପିଏମ୍୨.୫ର କଣିକା ଫୁସଫୁସ ମଧ୍ୟରେ ପ୍ରବେଶ କରି ରକ୍ତ ସହିତ ମିଶି ପ୍ରବାହିତ ହୋଇପାରିବ। ଏହାଦ୍ୱାରା ହୃଦରୋଗ ସମସ୍ୟା ସୃଷ୍ଟି ହୋଇପାରେ। ଆହୁରି ମଧ୍ୟ ମସ୍ତିଷ୍କାଘାତ, ଫୁସଫୁସ ରୋଗ, କ୍ୟାନସର ଓ ନିମୋନିଆର କାରଣ ମଧ୍ୟ ସାଜିପାରେ। ଲାନସେଟ ପତ୍ରିକାରେ ପ୍ରକାଶିତ ରିପୋର୍ଟ ଅନୁସାରେ ବାୟୁରେ ବଢୁଥିବା ନାଇଟ୍ରୋଜେନ ଡାଇଅକ୍ସାଇଡ଼ ମାତ୍ରା ପିଲାମାନଙ୍କ ଠାରେ ଆଜମା ରୋକ ବୃଦ୍ଧି କରିପାରେ। ଏହା ଯୋଗୁଁ ପ୍ରତିବର୍ଷ ୮.୫% ନୂଆ ଆଜମା ମାମଲା ସୃଷ୍ଟି ହେଉଛି। ପ୍ରତିବର୍ଷ ୪୨ ଲକ୍ଷ ଲୋକ ବାହ୍ୟ ବାୟୁ ପ୍ରଦୂଷଣ ସଂସ୍ପର୍ଶରେ ଆସି ପ୍ରାଣ ହରାଉଛନ୍ତି। ସେହିଭଳି ୩୮ ଲକ୍ଷ ଘର ମଧ୍ୟରେ ସୃଷ୍ଟି ପ୍ରଦୂଷଣ ଯୋଗୁଁ ପ୍ରାଣ କରାଉଛନ୍ତି। ମଇଳା ଚୁଲା ଏବଂ ବିଷାକ୍ତ ଇନ୍ଧନ ଯୋଗୁଁ ଘର ମଧ୍ୟରେ ପ୍ରଦୂଷଣ ବଢୁଛି। ଅର୍ଥାତ୍ ବର୍ଷକୁ ୮୦ ଲକ୍ଷ ଲୋକ ବାୟୁ ପ୍ରଦୂଷଣ ଯୋଗୁ ମରୁଛନ୍ତି। ବାୟୁ ପ୍ରଦୂଷଣର ପ୍ରତିକାର ପାଇଁ ଏବେ ଅଧିକାଂଶ ଦେଶ ନିଜ ଆଡୁ ଚେଷ୍ଟା କରୁଥିଲେ ହେଁ ତାହା ପର୍ଯ୍ୟାପ୍ତ ହେଉନାହିଁ। ବିଶ୍ୱର ୯୯ ପ୍ରତିଶତ ଲୋକ ପ୍ରଶ୍ୱାସରେ ଗ୍ରହଣ କରୁଛନ୍ତି ପ୍ରଦୂଷିତ ବାୟୁ। ମିଳୁନି ମୁକ୍ତ ଅମ୍ଳଜାନ। ଗ୍ରହଣ କରୁଥିବା ଏହି ବାୟୁର ପ୍ରଦୂଷଣ ସ୍ତର ଯଥେଷ୍ଟ ଅଧିକ। ଏହା ଲୋକଙ୍କ ପାଇଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ଏହି ସତର୍କ ସୂଚନା ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। ଡବ୍ଲ୍ୟୁଏଚଓ ପକ୍ଷରୁ ଧାର୍ଯ୍ୟ ପ୍ରଦୂଷଣ ସ୍ତର ଠାରୁ ଏହି ବାୟୁର ମାନ ଅଧିକ ଖରାପ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପୂର୍ବରୁ ଡବ୍ଲ୍ୟୁଏଚଓ ପକ୍ଷରୁ ବାୟୁ ମାନ ସମ୍ପର୍କରେ ପ୍ରକାଶିତ ସଦ୍ୟ ତଥ୍ୟରେ ବାର୍ଷିକ ହାରାହାରି ଭିତ୍ତିରେ ବାୟୁ ମଣ୍ଡଳରେ ମିଶୁଥିବା ଯବକ୍ଷାରଜାନ ଡାଇଅକ୍ସାଇଡ଼ ସମ୍ପର୍କିତ ସୂଚନା ସ୍ଥାନ ପାଇଛି। ଯାହା ସହରାଞ୍ଚଳ ପ୍ରଦୂଷଣ କ୍ଷେତ୍ରରେ ସର୍ବତ୍ର ପରିଲକ୍ଷିତ ହେଉଛି। ଏହି କାରଣରୁ ବାୟୁରେ ପାର୍ଟିକୁଲେଟ ମ୍ୟାଟର ଏବଂ ଓଜୋନର ଉପସ୍ଥିତି ବୃଦ୍ଧି ପାଉଛି। ପିଲାମାନଙ୍କୁ ଘର ଭିତରେ ଆବଦ୍ଧ କରି ରଖନ୍ତୁ ନାହିଁ ସେମାନଙ୍କ ପାଇଁ ସମୟ କାଢ଼ନ୍ତୁ କିନ୍ତୁ କରୋନା ସଂକ୍ରମଣର ଲହର ଯେହେତୁ କମି ନାହିଁ ପିଲାମାନଙ୍କୁ ମାକ୍ସ ପିନ୍ଧିବା ସହିତ ସାମାଜିକ ଦୂରତା ଓ ସାନିଟାଇଜର ବ୍ୟବହାର ଶିଖାନ୍ତୁ। ଖରାଦିନ ହୋଇଥିବାରୁ ବିଶେଷକରି ପିଲାମାନଙ୍କୁ ପ୍ରଚୁର ପାଣି, ସୁଷମ ଖାଦ୍ୟ, ଫଳ ଦିଅନ୍ତୁ। ତଥାକଥିତ ଫାଷ୍ଟଫୁଡ୍ ଠାରୁ ଦୂରେଇ ରହିବା ବହୁତ ଭଲ କାରଣ ଏହି ପିଲାମାନଙ୍କ ସ୍ୱାସ୍ଥ୍ୟ ଆଗାମୀ ଭାରତର ଉଜ୍ଜ୍ୱଳ ଭବିଷ୍ୟତ ଓ ଆପଣଙ୍କ ମାନଙ୍କ ଅମୂଲ୍ୟ ବରଦାନ।

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪**

## ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତଃ ଚନ୍ଦ୍ରଶେଖର ପତିଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର (ପିଏନ୍)-ବିଶିଷ୍ଟ ଶିକ୍ଷାବିତ୍ ତଥା ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସମୂହର ପ୍ରତିଷ୍ଠାତା ସ୍ୱର୍ଗତଃ ଚନ୍ଦ୍ରଶେଖର ପତିଙ୍କ ଦ୍ୱାଦଶାହରେ ଭାବବିହ୍ୱଳ ଶ୍ରଦ୍ଧାଂଜଳି ଅର୍ପଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଚନ୍ଦ୍ରଶେଖରପୁରସ୍ଥିତ ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ଶ୍ରଦ୍ଧାଂଜଳି ସଭାରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ ପ୍ରମୁଖ ଅତିଥି ରୂପେ ଯୋଗଦେଇ ସ୍ୱର୍ଗତଃ ପତିଙ୍କ ସ୍ମୃତିରେ ପ୍ରକାଶିତ ସ୍ମରଣିକା 'ସ୍ମୃତି ଅର୍ଘ୍ୟ'କୁ ଲୋକାର୍ପିତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ, ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ସମାଜସେବୀ ଦିଲ୍ଲିପ୍ ଶ୍ରୀଚନ୍ଦନ, ଆଇନଜୀବୀ ଡ. ଲିଙ୍ଗରାଜ ସାହୁ, ସମାଜସେବୀ ପ୍ରକାଶ ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ପତିଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ତାଙ୍କ ଭ୍ରାତୃଦ୍ୱୟ ଶଶାଙ୍କ ଶେଖର ପତି, ହିମାଂଶୁ ଶେଖର ପତି, ପୁତ୍ରଦ୍ୱୟ ସୂର୍ଯ୍ୟପ୍ରକାଶ ପତି, ଶକ୍ତିପ୍ରକାଶ ପତି, ବିଦ୍ୟାଳୟ ମ୍ୟାନେଜର ବସନ୍ତ କୁମାର ତ୍ରିପାଠୀ ତଥା ସ୍ୱର୍ଗତଃ ପତିଙ୍କର ଅନ୍ୟତମ ସ୍ୱପ୍ନର ଅନୁଷ୍ଠାନ ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘର ସଭାପତି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସାଧାରଣ ସଂପାଦକ ବିଶ୍ୱଜିତ୍ ପଟ୍ଟନାୟକ (ସିଲୁ) ପରିଚାଳନା କରିଥିଲେ। ସ୍ୱର୍ଗତଃ ପତିଙ୍କ ଦେହାବସାନ ପରଠାରୁ ବ୍ରାହ୍ମଣ ଭୋଜନ, ଦୁଃଖୀରଙ୍କିଙ୍କ ସେବା ସହ ତାଙ୍କ ଏକାଦଶାହରେ ବିଦ୍ୟାଳୟ ପରିସରରେ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଆୟୋଜନ କରାଯାଇ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଏହି ଅବସରରେ ଭଜନ ସମାରୋହ, ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ପ୍ରକାଶ ଥାଉକି ୧୯୬୩ ମସିହା ଅକ୍ଟୋବର ମାସ ୨୭ ତାରିଖରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତଃ ପତି ତାଙ୍କ ଜୀବନକାଳ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସହ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ଅନୁଷ୍ଠାନ ସହ ଜଡିତ ରହି ବେଶ୍ ଲୋକପ୍ରିୟତା ହାସଲ କରି ଗତ ଜୁଲାଇ ମାସ ୩୦ ତାରିଖରେ ୫୯ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିଲେ।

## ରିଜିଓନାଲ ମହାବିଦ୍ୟାଳୟ ପରିସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ଯୁବଦିବସ ପାଳିତ

ଯାଜପୁର (ପିଏନ୍): ଯାଜପୁର ରାମବାଗ ସ୍ଥିତ ରିଜିଓନାଲ ମହାବିଦ୍ୟାଳୟ ପରିସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତର୍ଜାତିକ ଯୁବ ଦିବସ ପାଳିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ଡିଗ୍ରୀ କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଡକ୍ଟର ବିଜୟ ସୁନ୍ଦର ରାୟ, ସମ୍ମାନୀୟ ଅତିଥି ଭାବେ ପ୍ରଫେସର ଅବଦୁଲ ଅଲ୍ଲୀ ଖାଁ, ରିଜିଓନାଲ ଜୁନିଅର କଲେଜର ଅଧ୍ୟକ୍ଷ ଅନିଲ କୁମାର ମହାନ୍ତି, ସ୍ୱାତି ପ୍ରିୟଦର୍ଶନୀ ଆର୍ଚ୍ଚ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଯୁବ ଅନ୍ତର୍ଜାତୀୟ ଯୁବ ଦିବସରେ ଆଜାଦକି ଅମୃତ ମହୋତ୍ସବ ସ୍କିଲ୍ ଡେଭ୍‌ଲପମେଣ୍ଟ କାର୍ଯ୍ୟକ୍ରମ, ମୋ କଲେଜ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କୁ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ପ୍ରତିଯୋଗିତା ଯଥା: ଝୋଟି, ମୁରୁଜ, ବକ୍ତୃତା, ଗୀତ, ନାଚ, ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଅଛି। କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରଞ୍ଜିତ ସିଂ, ଜଗନ୍ନାଥ ପରିଡ଼ା, ସରୋଜ କୁମାର ଜେନା, ଶୁଭେନ୍ଦୁ ମହାପାତ୍ର, ଡକ୍ଟର ଶଶଧର ଦାସ, ବିଜୟ ଦାସ, ପ୍ରିୟରଂଜନ ପରିଡ଼ା, ଗୌରାଙ୍ଗ ଚରଣ ବେହେରା, ସୋମ୍ୟରଂଜନ ପଲାଇ, ଅଧ୍ୟାପିକା ବିଜୟିନୀ ପାକିଜା ସାମଲ, ବିଶ୍ୱାମିତ୍ର ଦାସ, ନିବେଦିତା ବେହୁରିଆ, ଅର୍ଣ୍ଣପୂର୍ଣ୍ଣ ଦାସ, ସଂଗୀତା ପତି, କ୍ଷୀରବ୍ଧି ସେଣ୍ଠ, ଝାନ୍ସୀ ରାଣୀ ମଲ୍ଲିକ, କୃଷ୍ଣପ୍ରିୟା ସାହୁ, ଶ୍ରଦ୍ଧାଞ୍ଜଳି ରାଉତ, ଅନିତା ପଣ୍ଡା, ମୁକ୍ତିପ୍ରଭା ସାମଲ, ସ୍ମିତାରାଣୀ ସାମଲ, ସତ୍ୟକାମ ମହାନ୍ତି, ସ୍ମୃତିରଂଜନ ସ୍ୱାଇଁ, ପ୍ରଶାନ୍ତ କୁମାର ସ୍ୱାଇଁ, ହିମାଂଶୁ ରାଉତ, ସନ୍ତୋଷ ଦାସ, ହିମାଂଶୁ ସାହୁ, ବିରଞ୍ଚି ନାରାୟଣ ମହାନ୍ତି, ଅମର କୁମାର ବେହେରା, ଶ୍ୟାମସୁନ୍ଦର ମିଶ୍ର, ଶମ୍ଭୁନାଥ ଦାସ, ଚନ୍ଦନ ଦାସ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

## ଏନ୍‌ଓସି ଫାଉଣ୍ଡେସନ୍ ପକ୍ଷରୁ ରିଲିଫ୍ ପ୍ରଦାନ



ପାରାଦୀପ (ପିଏନ୍)-କରୋନା ମହାମାରୀ ପ୍ରଭାବରେ ସମସ୍ତଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଥିବା ବେଳେ ନିକଟରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ପାରାଦୀପ ଅଂଚଳର ବିଭିନ୍ନ କଲୋନୀ ଓ ବସ୍ତି ବାସିନ୍ଦାମାନେ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ । ପରିସ୍ଥିର ଗମ୍ଭିରତାକୁ ହୃଦୟଙ୍ଗମ କରି ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏନ୍‌ଓସି ଫାଉଣ୍ଡେସନ୍ ରାଜ୍ୟ ସଂଯୋଜିକା ଶୈଳେନ୍ଦ୍ରୀ ସେନାପତିଙ୍କ ନେତୃତ୍ୱରେ ଫାଉଣ୍ଡେସନର ସଭ୍ୟାମାନେ ଅଠରବାଙ୍କୀର ପ୍ରାଣନାଥ କଲୋନୀ, ଲେପ୍ରସି କଲୋନୀ, ମୁଣ୍ଡାପଡା ବସ୍ତି, ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମ ପ୍ରମୁଖ ସ୍ଥାନରେ ଚୁଡା, ଗୁଡ, ବିସ୍କୁଟ ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରିଥିଲେ । ସୁଚନା ଥାଉକି, କରୋନା ମହାମାରୀ ସମୟରେ ବିପଦକୁ ଖାତିର ନକରି ଏନ୍‌ଓସି ଫାଉଣ୍ଡେସନ୍‌ର ସଂଯୋଜିକା ଶ୍ରୀମତୀ ସେନାପତି ଏବଂ ତାଙ୍କର ସଦସ୍ୟା ମାନେ ସହରରେ ସଚେତନତା ସମେତ ନିଜସ୍ୱ ଆୟୋଜନରେ ସାଧାରଣରେ ମାସ୍କ, ସାନିଟାଇଜର ଏବଂ ରିଲିଫ୍ ସାମଗ୍ରୀ ଦୀର୍ଘ ଦିନ ବଂଟନ କରି ସାଧାରଣରେ ବେଶ୍ ପ୍ରଶଂସିତ ହୋଇଥିଲେ । ବିନା ସ୍ୱାର୍ଥରେ ସମାଜସେବା ପାଇଁ କାର୍ଯ୍ୟ କରୁଥିବା ଏହି ସଂସ୍ଥା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ



# ପାରାଦ୍ୱୀପ ପିପିଏଲ ଡିଏଭି ସ୍କୁଲରେ ୩୮ତମବାର୍ଷିକ ଉତ୍ସବ

ପାରାଦୀପ,(ପି.ଏନ): ପିପିଏଲ ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ର ୩୮ ତମ ବାର୍ଷିକ ଉତ୍ସବ "ଆରଙ୍ଗମ୍ "- 'ଉତ୍ସବ ଏକତାର ସର୍ଜନା ସ୍ମୃତିର" ଗତ ୧୨-୦୪-୨୫ ଶନିବାର ଦିନ ବିଦ୍ୟାଳୟ ପରିସରରେ ମହା ସମାରୋହରେ ପାଳିତ ହୋଇଯାଇଛି। ପାରମ୍ପରିକ ଭାବେ କାର୍ଯ୍ୟକ୍ରମ ଉଦ୍ ?ଘାଟନ ପରେ ପିପିଏଲର ସିଇଓ ପାଲାନିସାମି ଭେଲୁସାମି ତଥା ବିଦ୍ୟାଳୟ ପରିଚ୍ଛାଳନା କମିଟିର ସଭାପତି ଅତିଥି ମାନଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ନିମନ୍ତ୍ରିତ ଗଣ୍ୟମାନ୍ୟ ? ଅତିଥି ମାନଙ୍କ ମଧ୍ୟରେ ପାରାଦ୍ୱୀପ ତୈଳ ବିଶୋଧନାଗାର ର ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୌଶିକ ବାସୁ ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଡିଏଭି ର ଐତିହ୍ୟ ଓ ସୁଖ୍ୟାତି ବିଷୟରେ ବର୍ଣ୍ଣନା କରିବା ସହିତ ଏହି ବିଦ୍ୟାଳୟର ଅତୀତ ଗୌରବକୁ କିପରି ଅକ୍ଷୁର୍ଣ୍ଣ ରଖା ଯାଇପାରିବ ସେ ଦିଗରେ ପ୍ରୟାସ ଜାରି ରଖିବା ପାଇଁ ଛାତ୍ରଛାତ୍ରୀ ତଥା ଅଭିଭାବକ ମାନଙ୍କୁ ନିବେଦନ କରିଥିଲେ। ସମ୍ମାନିତ ଅତିଥି ରୂପେ ପାରାଦ୍ୱୀପ ସ୍ଥିତ ପୂର୍ବ ତଟ ରେଳବାଇର ଉପ ଆଞ୍ଚଳିକ ପରିଚ୍ଛାଳକ ଅର୍ଘ୍ୟ ପଟ୍ଟନାୟକ ଯୋଗ ଦେଇ ନିଜ ଛାତ୍ର ଜୀବନର ନିରନ୍ତର ସଂଘର୍ଷ ଓ ସଫଳତା ବିଷୟରେ ବର୍ଣ୍ଣନା କରିବା ସହ ପିପିଏଲ ତଥା ଆଖପାଖ ଅଞ୍ଚଳ ର ଲୋକେ ରେଳଫାଟକ ଯୋଗୁଁ ଭୋଗୁଥିବା ସମସ୍ୟା ଯୋଗୁଁ ସହାନୁଭୂତି ପ୍ରକଟ କରିଥିଲେ ଓ ଧୈର୍ଯ୍ୟ ,ସହିଷ୍ଣୁତାର ସହିତ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ପରାମର୍ଶ ଦେଇଥିଲେ । ଏଥିରେ ପିପିଏଲର ସିଜିଏମ୍ ଏଚ୍ଆର୍ ଏବଂ ଆଇଆର୍ ସୁମିତ କୁମାର ସେନାପତି ଏବଂ ପିପିଏଲର ଅନେକ ବରିଷ୍ଠ ଅଧିକାରୀ ଗଣ ଯୋଗ ଦେଇଥିଲେ । ଭୁବନେଶ୍ୱର କ୍ଲଷ୍ଟର ମୁଖ୍ୟ ତଥା କଳିଙ୍ଗନଗର ଡିଏଭି ସ୍କୁଲ୍ର ଅଧ୍ୟକ୍ଷ ବଳରାମ ମହାପାତ୍ର, ଡିପିଏସ୍ (ପାରାଦ୍ୱୀପ ତୈଳ ବିଶୋଧନାଗାର) ର ଅଧ୍ୟକ୍ଷ ଯଗନେଶ୍ୱର ବୋରା , ଇଫକୋ ଡିଏଭି ର ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନାରା ଓ ପାରାଦ୍ୱୀପ ପୋର୍ଟ ଡିଏଭିର ଅଧ୍ୟକ୍ଷା ଶ୍ରୀମତୀ ବିନ୍ଦୁଶ୍ରୀ ମହାନ୍ତି ତଥା ପାରାଦ୍ୱୀପ ଅଞ୍ଚଳର ଗଣ୍ୟମାନ୍ୟ ବ୍ୟକ୍ତିଗଣ ଓ ଅଭିଭାବକ ଉପସ୍ଥିତ ଥିଲେ । ଅତିଥି ଗଣ ୨୦୨୪-୨୫ ଶିକ୍ଷାବର୍ଷର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଏକାଧିକ ଶିକ୍ଷକ/ଶିକ୍ଷୟିତ୍ରୀ ଓ ସଂଖ୍ୟାଧିକ କୃତି ଶିକ୍ଷାର୍ଥୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ସୁଲଳିତ ସଂଗୀତର ତାଳେ ତାଳେ ବିଭିନ୍ନ ଶ୍ରେଣୀର ପିଲାମାନଙ୍କ ଦ୍ୱାରା ପରିବେଷିତ ଲୋକ ନୃତ୍ୟ, ଆଧୁନିକ ନୃତ୍ୟ, ଏକାଙ୍କିକା ଉପସ୍ଥିତ ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଦର୍ଶକଙ୍କ କରତାଳି ରେ ପରିବେଶ ବେଶ୍ ସରଗରମ ହୋଇ ଉଠିଥିଲା। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା ସଂଯୋଜକ ବୃନ୍ଦାବନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଡିଏଭି ଓଡିଶା ଜୋନ୍ ର ଆଞ୍ଚଳିକ ନିର୍ଦ୍ଦେଶକ କେଶବ ଚନ୍ଦ୍ର ଶତପଥୀ , ତଥା ଆଞ୍ଚଳିକ ଅଧିକାରୀ ସୁଶ୍ରୀ ସୁଜାତା ସାହୁ ଏହି ସୁନିୟୋଜିତ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ।



## ଭକ୍ତି ସଂଗୀତ ସଂସଦର ୪୫ତମ ବାର୍ଷିକ ଉତ୍ସବ

ପାରଳାଖେମୁଣ୍ଡି, (ପି.ଏନ): ସ୍ଥାନୀୟ ଅର୍ବାନ ବ୍ୟାଙ୍କ ସମ୍ମୁଖ ପଡିଆରେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭକ୍ତି ସଂଗୀତ ସଂସଦର ୪୫ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି ।ଦେବୀ ମଠ ମହନ୍ତ ରାମାନନ୍ଦ ଦାସ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ ।ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି,ଗଜପତି ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା,ପାରଳାଖେମୁଣ୍ଡି ପୌର ପରିଷଦର ଅଧ୍ୟକ୍ଷା ନିର୍ମଳା ସେଠୀ, ଉପସଭାପତି ପ୍ରଦୀପ ନାଏକ, ଉପଦେଷ୍ଟା ତୀର୍ଥବାସୀ ପଣ୍ଡା ମଂଚାସୀନ ଥିଲେ ।ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଭାରତ ଭୂଷଣ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ ।ସଂପାଦକ ପୂର୍ଣ୍ଣଚନ୍ଦ୍ର ରଥ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ ।ମୁଖ୍ୟଅତିଥି ବିଧାୟକ ସଂଗଠନର ଦୀର୍ଘ ୪୫ ବର୍ଷର ସଂଗ୍ରାମକୁ ସାଧୁବାଦ ଜଣାଇଥିଲେ। ଆଗାମୀ ଦିନରେ ଆହୁରି ଆକର୍ଷଣୀୟ କରିବାପାଇଁ ପ୍ରତିଶ୍ରୁତି ଦେଇଥିଲେ ।ଏହି ମାଟିର ସ୍ୱନାମଧନ୍ୟ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଶାନ୍ତ ପାଢୀ ଓ ତାଂକର ସହଯୋଗୀ କଳାକାର ମାନେ ନିଜର ସୁଲଳିତ କଣ୍ଠରେ ଭକ୍ତି ସଂଗୀତ ଗାନ କରିଥିଲେ ।ଗୌରୀପ୍ରସାଦ ରଥ ସଂଯୋଜନା କରିଥିଲେ ।ଗୋପାଳକୃଷ୍ଣ ପଟ୍ଟନାୟକ ତଥା ଅନ୍ୟାନ୍ୟ ସଂସଦର ସଦସ୍ୟମାନେ ସହଯୋଗ କରିଥିଲେ ।ଏହି ଅବସରରେ ଶିକ୍ଷକ ମନୋଜ କୁମାର ପଣ୍ଡା,ତ୍ରୀପତି ପ୍ରସାଦ ପଣ୍ଡା ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ କୈଳାସ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା ।ସଂଗୀତ ଓ କଳା ପ୍ରେମୀ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଉପସ୍ଥିତ ରହି ଆଗ୍ରହ ସହ ଏହି ଭକ୍ତି ମନୋରଂଜନ ଉପଭୋଗ କରିଥିଲେ ।

## ପାରଳା ସହରରେ ବେଆଇନ ବାଣ କାରବାର

ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ସହରରେ ସ୍ୱଷ୍ଟ ଦିବାଲୋକରେ ଚାଲିଛି ବେଧଡକ ବେଆଇନ ବାଣ କାରବାର । ପାରଳାଖେମୁଣ୍ଡି ସହରରେ ଦଶରୁ ଅଧିକ ଦୋକାନରେ ବର୍ଷ ତମାମ ବାଣ ବିକ୍ରି କରାଯାଉଛି. ଏହାଦ୍ୱାରା ସବୁଦିନିଆ ଦୀପାବଳିର ପର୍ବ ପାଳନ ହେଉଥିବା ଭଳି ଭ୍ରମ ସୃଷ୍ଟି ହେଉଛି. ଏଭଳି ବେଆଇନ ମଦ କାରବାରକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ କରାଯିବା ସହ ନିତିଦିନିଆ ବାଣ ବିକ୍ରି ଦ୍ୱାରା ଆଗାମୀ ଦିନରେ କୌଣସି ଏକ ବଡ଼ ଧରଣର ବିପଦ ଘଟିପାରେ. ପ୍ରଶାସନ ଏଭଳି ବାଣ ବିକ୍ରି ନେଇ ବିହିତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ମଧ୍ୟ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି.ଏଠାରେ ସୂଚ୍ନାଯୋଗ୍ୟ ନିତିଦିନିଆ ଲକ୍ଷ ଲକ୍ଷ ଟଙ୍କାର ବାଣ କାରବାରରେ ବାଣ ବ୍ୟବସାୟୀମାନେ ମାଲାମାଲ ହେଉଥିବା ବେଳେ ସରକାରଙ୍କ ଟିକସ ଜନିତ ରାଜସ୍ୱକୁ ମଧ୍ୟ ବ୍ୟବସାୟୀମାନେ ଲୁଟୁଛନ୍ତି. ସେପଟେ ବାଣବିକ୍ରି କରିବା ପାଇଁ ଅନୁମତି ଦେଇଥିବା ପ୍ରଶାସନ ସବୁ କିଛି ଜାଣି ଶୁଣି ନିରବଦ୍ରଷ୍ଟା ସାଜିଛି । ବାଣ ଦୋକାନ ଗୁଡିକୁ ଲାଇସେନ୍ସ ପ୍ରଦାନ କରିଛି ପ୍ରଶାସନ । ଆଉ ଲାଇସେନ୍ସ ଅବଧି ମଧ୍ୟ ନିର୍ଦ୍ଧାରିତ କରିଛି । ହେଲେ କୌଣସି ନିୟମକୁ ଖାତିର କରୁନାହାନ୍ତି ବ୍ୟବସାୟୀ ।
























Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray